ଧରିତ୍ରୀ DHARITRI
ରାୟଗଡା, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯

## ସଂକ୍ଷେପରେ

### ଅଜଗର ଉଦ୍ଧାର



ମାଲକାନଗିରି,୩୦।୯ (ଡି.ଏନ୍.ଏ.)- ସମ୍ପ୍ରତି ମାଲକାନଗିରିରେ ଜଙ୍ଗଲ ଅବକ୍ଷୟ ହେଉଥିବାରୁ ଜଙ୍ଗଲରେ ବାସ କରୁଥିବା ଜୀବଜନ୍ତୁ ଏବେ ସହରମୁହାଁ ହେଲେଣି। ସୋମବାର ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ତଳସାହିରୁ ଏକ ୮ଫୁଟ ଲମ୍ବର ଅଜଗର ସାପକୁ ସ୍ନେକ୍ ହେଲ୍ପ ଲାଇନ୍ ପକ୍ଷରୁ ଉଦ୍ଧାର କରାଯାଇଛି। ଅବସରପ୍ରାପ୍ତ ସେନା କର୍ମଚାରୀ ଶିବ ତ୍ରିପାଠୀଙ୍କ ଘରକୁ ରବିବାର ରାତିରେ ନିକଟସ୍ଥ ଜଙ୍ଗଲରୁ ଅଜଗରଟି କୁକୁଡା ଖାଇବାକୁ ଆସିଥିଲା। ସକାଳୁ ଏହା ଜାଣିପାରି ସ୍ନେକ ହେଲ୍ପ ଲାଇନ ସଦସ୍ୟ ନାନୁଙ୍କୁ ଡକାଇଥିଲେ। ସେ ଆସି ଏହାକୁ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଅଜଗରକୁ ମଙ୍ଗଳବାର ଚିତ୍ରକୋଣ୍ଡା ଜଙ୍ଗଲ ଅଞ୍ଚଳରେ ଛଡାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ



ଗୋବିନ୍ଦପାଲ୍ଲୀ,୩୦।୯(ଡି.ଏନ୍.ଏ.)- ସ୍ଥାନୀୟ ବିଜୁ ପଟ୍ଟନାୟକ ଶିକ୍ଷା ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କାର୍ଯ୍ୟକାରୀ ଅଧକ୍ଷ ଅଭୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ। । ଅଧାପକ ହରିଶ୍ଚନ୍ଦ୍ର ପାଣିଗ୍ରାହୀ, କେ. ଶ୍ରୀନିବାସ ରାଓ, ଲଳିତ ସେଠ, ଅଧାପିକା ଦେବକୀ ଦଳେଇ ଅତିଥି ରୂପେ ଉପସ୍ଥିତ ରହି ନୂତନ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ।

### ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ କର୍ମଶାଳା

କାଲିମେଲା,୩୦।୯(ଡି.ଏନ.ଏ.)- କାଲିମେଲା ସଦରସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ୟୋନୋ ଫ୍ରେମର୍ସର ବ୍ୟବହାର ସମ୍ପର୍କରେ ସ୍ଥାନୀୟ କଲେଜଠାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ, କ୍ୟାଶିୟର ସିଦ୍ଧାନ୍ତ ବାରିକ, ଗ୍ରାହକ ସହାୟକ ଜ୍ୟୋତି ହାଲଦାର ଓ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ୟୋନୋ ଫେମର୍ସ ମାଧମରେ ଗ୍ରାହକମାନଙ୍କୁ ଟଙ୍କା ଉଠାଣ, ଟଙ୍କା ଜମା କରିବା, ଅନ୍ୟ ସ୍ଥାନକୁ ପଠାଇବା, ଅନଲାଇନ୍ ସପିଂ, ବ୍ୟକ୍ତିଗତ ଋଣ, ବୀମା ରାଶି ପୈଠ ଓ ନିବେଶ ଭଳି କାର୍ଯ୍ୟ କରାଯାଇପାରିବ। ଏସବୁ କାର୍ଯ୍ୟ ୟୋନେ ଆପ୍ ଦ୍ୱାରା ସହଜରେ ହୋଇପାରିବ।

# ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଜିଲା ପ୍ରଶାସନର ତତ୍ପରତା

- ୩-୨୩ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ହେବ କ୍ୟାମ୍ପ
- ବ୍ଲକ ପ୍ରଶାସନ ଯୋଗାଇବ ଆବଶ୍ୟକ ସାମଗ୍ରୀ
- ପୂର୍ବରୁ ଅଞ୍ଚଳବାସୀଙ୍କୁ ବୁଝାଇ ଛାଡିଥିଲା ପ୍ରଶାସନ

ମାଲକାନଗିରି/ଚିତ୍ରକୋଣ୍ଡା, ୩୦।୯ (ଡି.ଏନ୍.ଏ.)–

ମାଲକାନଗିରି ଜିଲାରେ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ବିଚ୍ଛିନ୍ନାଞ୍ଚଳ ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ସ୍ୱାଭିମାନ ଅଞ୍ଚଳ ରୂପେ ଘୋଷଣା କରିଥିଲେ । ତେବେ ସ୍ୱାଭିମାନ ଅଞ୍ଚଳରେ ଅନେକ ସମସ୍ୟାକୁ ନେଇ ସେହି ସବୁ ଅଞ୍ଚଳବାସୀ ବିଭିନ୍ନ ସମୟରେ ବିକ୍ଷୋଭ, ସଭାସମିତି କରି ଅଞ୍ଚଳର ବିକାଶ ପାଇଁ ଦାବି ଜଣାଇ ଆସୁଥିଲେ। ଗତମାସରେ ୪ ପଞ୍ଚାୟତବାସୀ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ବେଳେ ସେମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରି ଫେରାଇ ଦେଇଥିଲେ। ଏବେ ସ୍ୱାଭିମାନ ଅଞ୍ଚଳରେ କିପରି ବିକାଶକୁ ତ୍ୱରାନ୍ୱିତ କରାଯିବ ସେ ନେଇ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଏ ସମ୍ପର୍କରେ ଜିଲାପାଳ ମନୀଷ ଅଗ୍ରୱାଲ ସବୁ ବିଭାଗର ଅଧିକାରୀଙ୍କୁ ଗତ ୨୭ରେ ଚିଠି ଲେଖି ପ୍ରତି ପଞ୍ଚାୟତରେ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ପଞ୍ଚାୟତଗୁଡିକରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଶିବିର, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ବିଦ୍ୟୁତ୍, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଆଧାରକାର୍ଡ ପଞ୍ଜୀକରଣ, ଗୃହୋପଯୋଗୀ ସାମଗ୍ରୀ ବଣ୍ଟନ, ସୋଲାର ଲାଇଟ୍, ଲଣ୍ଠନ, ଖେଳ ସାମଗ୍ରୀ, ବାଦ୍ୟଯନ୍ତ୍ର ସାମଗ୍ରୀ, ଆଧାର ଲିଙ୍କ୍ ପାଇଁ ଆବେଦନ ଫର୍ମ ସଂଗ୍ରହ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ କାର୍ଯ୍ୟ ଏବଂ ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣପତ୍ର ସହ ସମସ୍ତ ସରକାରୀ ଯୋଜନା ଯେପରି ତୁରନ୍ତ କାର୍ଯ୍ୟକାରୀ ହେବ ଦେଖିବାକୁ ଜିଲାପାଳ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱାଭିମାନ ଅଞ୍ଚଳ ରାଲେଗେଡା ପଞ୍ଚାୟତର ସାରୁକୁବନ୍ଧଠାରେ ଆସନ୍ତା ୩ରେ, ପାପରମେଟଲା ପଞ୍ଚାୟତ ଜନ୍ତାପାଇ ହାଟରେ ୪ରେ, ଗାଜ୍ଜୁଲମାମୁଡି ସଦର ପଞ୍ଚାୟତରେ ୧୧ରେ, ପଣସପୁଟ ସଦର ପଞ୍ଚାୟତରେ ୧୫ରେ, ଅଣ୍ଡ୍ରାପାଲ୍ଲୀ ସଦର ପଞ୍ଚାୟତରେ ୧୬ରେ, ଯନ୍ତ୍ରୀ ସଦର ପଞ୍ଚାୟତରେ ୧୭ରେ, ଜୋଡାମ୍ବ ସଦର ପଞ୍ଚାୟତରେ ୧୮ରେ, ବଡପଡା ସଦର ପଞ୍ଚାୟତରେ ୨୧ରେ ଓ ଧୁଲିପୁଟ ସଦର ପଞ୍ଚାୟତରେ ୨୩ ତାରିଖରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଲୋକଙ୍କ ସମସ୍ୟା ସମାଧାନ କରାଯିବ । ଏଥିପାଇଁ ଚିତ୍ରକୋଣ୍ଡା ବିଡିଓ ସମସ୍ତ ବ୍ୟବସ୍ଥା ଯଥା କ୍ୟାମ୍ପଗୁଡିକରେ ପାନୀୟ ଜଳ, କମ୍ପ୍ୟୁଟର, କଲର ପ୍ରିଣ୍ଟର, କ୍ୟାମେରା, ଜେରକ୍ସ ମେଶିନ୍, ଜେନେରେଟର ଆଦି ବ୍ୟବସ୍ଥା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।




## ଗ୍ରାମବାସୀଙ୍କୁ ସଚେତନ କଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରଙ୍କୁ ହାତଧୁଆ କୌଶଳ ଶିଖାଯାଉଛି।

ମାଲକାନଗିରି,୩୦।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀୟ ପୁଷ୍ଟି ମାସ ପାଳନ କରା ଯାଉଛି। ଏହି ଅବସରରେ ଜିଲା ସଦର ମହକୁମା ଚମ୍ପାନଗରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଆରା ଢଙ୍ଗରେ ଜାତୀୟ ପୁଷ୍ଟି ମାସ ପାଳନ କରିଛନ୍ତି। ପ୍ରଥମେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ନିକଟସ୍ଥ ଚମ୍ପାନଗର ଆଦିବାସୀ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ମ୍ୟାଲେରିଆ ନିରାକରଣ, ଖାଇବା ପୂର୍ବରୁ ହାତ ଧୋଇବାର ଉପକାରିତା, ନାପକିନର ବ୍ୟବହାର, ଶିଶୁ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ, ଶୁଦ୍ଧ ପାନୀୟ ଜଳ ବ୍ୟବହାର, ବୃକ୍ଷରୋପଣ ଓ ନିଜ ବାଡିରେ ପନିପରିବା ଚାଷ ସମ୍ପର୍କରେ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ସିସି କ୍ୟାଡେଟମାନେ ଅନ୍ୟ ସହପାଠୀଙ୍କୁ ଏନ୍‌ସିସି କ୍ୟାଡେଟଙ୍କ କର୍ତ୍ତବ୍ୟ, ଦେଶସେବା ସମ୍ପର୍କରେ ଅବଗତ କରାଇ ହାତଧୁଆ ତାଲିମ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ସଜନା, ହଳଦୀ, ପିଜୁଳି ଆଦି ବୃକ୍ଷ ରୋପଣ କରିଥିଲେ। ଆସନ୍ତା ୨ରୁ ପଲିଥିନ ବର୍ଜନ ଓ ପରିବେଶ ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ମହିଳା ମାଟ୍ରନଙ୍କ ଦ୍ୱାରା ଅନ୍ତେବାସୀଙ୍କୁ ସାନିଟାରି ନାପକିନ୍ ବଣ୍ଟନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ସଫେଇ କରିଥିଲେ। ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟରେ ପ୍ରତିମାସରେ ଥରେ କରାଯିବ । ଗୋଟିଏ ଆଦିବାସୀପଡାକୁ ଛାତ୍ରୀଛାତ୍ରମାନେ ଯାଇ ସେମାନଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଗ୍ରାମ ପରିସର ସଫେଇ କରିବେ ବୋଲି ଅଧକ୍ଷ ପଣ୍ଡା କହିଛନ୍ତି।

## ଅଭିଭାବକଙ୍କୁ ନେଇ ବୈଠକ

ପାଣ୍ଡ୍ରିପାଣି, ୩୦।୯( ଡି.ଏନ.ଏ.)

ମାଲକାନଗିରି ବ୍ଲକ ଅନ୍ତର୍ଗତ ମାର୍କାପାଲି ପଞ୍ଚାୟତସ୍ଥିତ ଥାପାଗୁଡା ଆଶ୍ରମ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନବକୃଷ୍ଣ ପୂଜାରୀ ସଭାପତିତ୍ୱ କରିଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଭୀର ସମ୍ପର୍କ ବିଷୟରେ ସଭାପତି ପୂଜାରୀ ଆଲୋକପାତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଆରତି ଚାଟାର୍ଜୀ ଅଭିଭାବକମାନେ ଘରେ ପିଲାଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇଥିଲେ। ଆସନ୍ତା ୩ରୁ ୧୩ ପର୍ଯ୍ୟନ୍ତ ଦଶହରା ଛୁଟି ହେବ। ଛୁଟି ଆରମ୍ଭ ଦିନ ଅଭିଭାବକମାନେ ଆସି ପିଲାଙ୍କୁ ନେବେ ଏବଂ ଛୁଟି ସରି ବିଦ୍ୟାଳୟ ଖୋଲିବା ଦିନ ଆଣି ଛାଡିବାକୁ ବୈଠକରେ ଅବଗତ କରାଯାଇଥିଲା। ବୈଠକରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।




ଥାପାଗୁଡା ବିଦ୍ୟାଳୟରେ ଅଭିଭାବକଙ୍କୁ ନେଇ ଚାଲିଥିବା ବୈଠକ।

ସେହିପରି ଗଙ୍ଗଲା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଆଚ୍ଚଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଉନେଲ କୁମାର ପାଲ୍ଲି ଅଧକ୍ଷତା କରିଥିଲେ। ବହୁ ସଂଖ୍ୟାରେ ଅଭିଭାବକମାନେ ବୈଠକରେ ଯୋଗଦେଇ ନିଜ ମତାମତ ଉପସ୍ଥାପନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ନିୟମିତ ଉପସ୍ଥାନ, ଅଭିଭାବକମାନଙ୍କ ସହଯୋଗ, ମୋ ସ୍କୁଲ ଯୋଜନା, ଷାଣ୍ମାସିକ ପରୀକ୍ଷା, ବିଦ୍ୟାଳୟର ଶିକ୍ଷାଦାନ, ପୋଷାକ ବଣ୍ଟନ ଓ ଖେଳ ସାମଗ୍ରୀ ବଣ୍ଟନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସ୍ୱାଭିମାନ ଅଞ୍ଚଳ: କାର୍ଯ୍ୟ ତଦାରଖ ପାଇଁ ବୈଠକ

ଚିତ୍ରକୋଣ୍ଡା, ୩୦।୯(ଡି.ଏନ.ଏ.)–

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ବିଡିଓ ଲରିମନ ଖରସେଲଙ୍କ ଅଧକ୍ଷତାରେ ସ୍ୱାଭିମାନ ଅଞ୍ଚଳର ବିକାଶଧାରା ସମ୍ପର୍କରେ ଆଲୋଚନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଟି. ପଦ୍ମନାଭ ଦୋରା, ଜିପିଓ ଧୀରେନ ଖଣ୍ଡାଗିରି,ଏବିଡିଓ ବେନୁ କିଷାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଆସନ୍ତା ୩ରୁ ୨୩ପର୍ଯ୍ୟନ୍ତ ସ୍ୱାଭିମାନ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଜାରି ରହିବ।

## ୨୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

କାଲିମେଲା,୩୦।୯(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୀଷ ଅଗ୍ରୱାଲ ଯୋଗଦେଇ ୨୧ଟି ଅଭିଯୋଗର ଶୁଣାଣି କରଥିଲେ। ବ୍ଲକ ଅଧକ୍ଷ ମାଲା ମାଢି,ବିଡିଓ ଉମା ଶଙ୍କର ଦଳାଇ,ଏସପି ହୃଷୀକେଶ ଡି. ଖିଲାରି, ସିଡିଏମଓ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଜିଲାର ମେଡିକାଲ,ପିଏଚଡି, ପୋଲିସ, ଶିକ୍ଷା, କୃଷି, ଜଳ ସେଚନ,ବିଦ୍ୟୁତ ବିଭାଗର ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ୨୧ଟି ଅଭିଯୋଗ ଆସିଥିଲା। ସ୍ୱାସ୍ଥ୍ୟ ସମସ୍ୟା, ରାସ୍ତା, ଉନ୍ନୟନ କାର୍ଯ୍ୟ ଶିକ୍ଷା ଓ ଭତ୍ତା ସମ୍ପର୍କରେ ଅଭିଯୋଗଗୁଡିକ ଥିଲା। ପରେ ଜିଲାପାଳ ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଗସ୍ତ କରି ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ବିଭିନ୍ନ ସମସ୍ୟା ଉପରେ ଡା. ଅବିଦ ହୁସେନଙ୍କୁ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କେତେକ କାର୍ଯ୍ୟକୁ ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୟରେ ସିଡିଏମଓ ଡା. ଅଜୟ କୁମାର ବୈଠାରୁ ଉପସ୍ଥିତ ଥିଲେ।







## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚିତ୍ରକୋଣ୍ଡା, ୩୦।୯(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଏବିଡିଓ ବେନୁ କିଷାନ ଓ ଜିପିଓ ଧୀରେନ କୁମାର ଖଣ୍ଡାଗିରି ଉପସ୍ଥିତ ଥିଲେ। ଶିବିରରେ ୨୭୦ ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୩୫ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ହିତାଧିକାରୀଙ୍କୁ ପରୀକ୍ଷା କରିବା ପାଇଁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ମୃଗାଙ୍କ ହାଲଦାର ଯୋଗଦେଇଥିଲେ। ତହସିଲ କର୍ମଚାରୀ ମହେଶ୍ୱର ବେହେରା, ଶ୍ରୀନିବାସ ପଟ୍ଟନାୟକ, ନାରାୟଣ ମହାରଣା, ବିରାଜ ମଣ୍ଡଳ ସହଯୋଗ କରିଥିଲେ।

## ପୂଜା ମଣ୍ଡପରେ ଶୈଳପୁତ୍ରୀ ରୂପେ ପୂଜା ପାଇଲେ ମା'

ଏମ୍‌ଭି ୭୯,୩୦।୯(ଡି.ଏନ.ଏ)



ପୂଜା ମଣ୍ଡପରେ ମା'ଙ୍କ ପୂଜା।

ନବରାତ୍ରୀ ପୂଜାକୁ ନେଇ ଏବେ ଉତ୍ସବମୁଖର ହୋଇଉଠିଛି ମାଲକାନଗିରି ଜିଲାର ଏମ୍‌ଭି-୭୯ ଅଞ୍ଚଳ। ଶକ୍ତିପୀଠଗୁଡିକରେ ମା'ଙ୍କ ଷୋଡ଼ଶ ବିଧି ଚାଲିଥିବାବେଳେ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସୋମବାର ଶୈଳପୁତ୍ରୀ ରୂପେ ପୂଜା ପାଇଛନ୍ତି। ସ୍ଥାନୀୟ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ପୂଜା ଆରମ୍ଭ କରାଯାଇଛି। ଶତାଧିକ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଏହି ଜଳ ଆଣିଥିଲେ। ଶଙ୍ଖ, ହୁଳହୁଳି ଶବ୍ଦରେ କମ୍ପି ଉଠୁଥିଲା ଉକ୍ତ ଅଞ୍ଚଳ। ୫୧ ବର୍ଷରେ ପାଦଦେଇ ପୂଜା କରୁଥିବା ଏମ୍‌ଭି-୭୯ ପୂଜା କମିଟି ସୁଉଚ୍ଚ ତୋରଣ ଓ ଆଲୋକ ସାଜସଜ୍ଜା ଉପରେ ଗୁରୁତ୍ୱ ଦେଇଛି। ବେଲ୍‌ଜିୟମ୍‌ର ଇନ୍ଦ୍ର ଧନୁଷ ଲାଇଟ ମନ ମୋହୁଛି। ମିଡ୍ ନାଇଟ୍ ଡ୍ୟାନ୍ସିଂ ସହ ମେଲୋଡି ଓ ଡ୍ରାମା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ବ୍ୟବସ୍ଥା ହୋଇଛି। ପୂଜା କମିଟିର ସୁକୁମାର ମଣ୍ଡଳ, ଦୀପକ ଦତ୍ତ, ଗୋକୁଳ ମଣ୍ଡଳ, ଅମିୟ ସରକାର, ପ୍ରହଲ୍ଲାଦ ଦାସ, ଶମ୍ଭୁ ବାକ୍ଚି ପୂଜା ପରିଚାଳନା କରୁଛନ୍ତି। ମା'ଙ୍କ ପୂଜା ଶାନ୍ତିଶୃଙ୍ଖଳାର ସହ ଯେପରି ଶେଷ ହେବ ସେଥିପ୍ରତି ଗୁରୁତ୍ୱ ଦେଉଛୁ ବୋଲି କହିଛନ୍ତି ଥାନା ଅଧିକାରୀ ମମତା ପାଣିଗ୍ରାହୀ। ସେପଟେ ପ୍ରତ୍ୟେକ ଦିନ ମାଁଙ୍କ ପୂଜା ମଣ୍ଡପ ପ୍ରାଙ୍ଗଣରେ କୁନି କୁନି ପିଲାଙ୍କର ଧୂପ ଆଳତି ସାଙ୍ଗକୁ ଦର୍ଶକ ବନ୍ଧୁମାନଙ୍କ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### କମାଣ୍ଡର ଧକ୍କାରେ ୨ ଆହତ

ନନ୍ଦପୁର,୩୦।୯ (ଡି.ଏନ.ଏ): କୋରାପୁଟ ଜିଲା ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ସୋମବାର ଏକ କମାଣ୍ଡର ଧକ୍କାରେ ୨ ଜଣ ଆହତ ହୋଇଛନ୍ତି । ସେ ହେଲେ ଦେବଗନ୍ଧଣା ଗ୍ରାମର ଉଗ୍ରସେନ ଜାଲା (୧୯) ଓ ଲୁଲୁବୁର ଗ୍ରାମର ଲକ୍ଷ୍ମୀ କିରସାଣି । ପ୍ରଥମେ ସେମାନଙ୍କୁ ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଉଗ୍ରସେନ ରାସ୍ତା କଡ଼ରେ ଠିଆ ହୋଇଥିଲେ । ଏହି ସମୟରେ ନନ୍ଦପୁରରୁ ପାଡୁଆ ଅଭିମୁଖେ ଯାଉଥିବା ଏକ କମାଣ୍ଡର (ନମ୍ବର ଓଆର୦୫ ଜେ ୪୭୯୬) ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଖବରପାଇ ନନ୍ଦପୁର ପୋଲିସ ପହଞ୍ଚି ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଚଳାଇଛି।

### ଟ୍ରେଜେରି ଅଧିକାରୀଙ୍କ ସହ ଜିଲାପାଳଙ୍କ ଆଲୋଚନା

ଜୟପୁର,୩୦।୯(ଡି.ଏନ.ଏ ): କୋରାପୁଟ ଜିଲାପାଳ ଜୟପୁରସ୍ଥିତ ସ୍ୱତନ୍ତ୍ର ଟ୍ରେଜେରିକୁ ଗସ୍ତ କରିଛନ୍ତି । ଜିଲାପାଳ ମଧୁସୂଦନ ମିଶ୍ର ଟ୍ରେଜେରିରେ ପହଞ୍ଚି ବିଭିନ୍ନ କାଗଜପତ୍ରର ଯାଞ୍ଚ କରିଥିଲେ । ଏଥିସହିତ ଅନ୍ୟାନ୍ୟ ବିଷୟ ନେଇ ଟ୍ରେଜେରି ଅଧିକାରୀ ଅଶୋକ ଧାଙ୍ଗଡାମାଝିଙ୍କ ସହିତ ଆଲୋଚନା କରିଥିଲେ ।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ଜୟପୁର, ୩୦।୯ (ନି.ପ୍ର):ଜୟପୁର ସଦର ପୋଲିସ ଦାମାପୁଟଠାରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିସହ ୧ ଲକ୍ଷ ୫୬ ହଜାର ୩ ଶହ ଟଙ୍କା ଓ ୮ ମୋବାଇଲ ଜବତ କରାଯାଇଛି । ଏସପି ମୁକେଶ କୁମାର ଧାମୁ ଓ ଏସଡିପିଓ ହରେକୃଷ୍ଣ ମାଝିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା ବୋଲି ଥାନା ଅଧିକାରୀ ଶିବଶଙ୍କର ସାହୁ ପ୍ରକାଶ କରିଛନ୍ତି ।

### କନଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ

ଜୟପୁର,୩୦।୯ (ନି.ପ୍ର): ଜୟପୁର ଟାଉନ ଥାନାରେ କାର୍ଯ୍ୟରତ କନଷ୍ଟେବଲ ଅତୁଲ ଅମାତ (୫୫)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ରବିବାର ସେ ରାତ୍ରୀ ପାଟ୍ରୋଲିଂ ଦାୟିତ୍ୱରେ ଥିଲେ । ହଠାତ୍ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଜୟପୁର ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରିଛି ।

### ୧୪ରେ ହାଲ୍ କର୍ମଚାରୀଙ୍କ ଧାରଣା

ସୁନାବେଡା, ୩୦।୯(ଡି.ଏନ.ଏ.): ଉପଯୁକ୍ତ ବେତନ ନିର୍ଦ୍ଧାରଣ ଦାବିରେ ହାଲ କର୍ମଚାରୀମାନେ ଆସନ୍ତା ୧୪ ତାରିଖରେ ଧାରଣା ଦେବେ । ଏଥିରେ ବିଜୁ ଏରୋନଟିକ୍ସ ଏମ୍ପ୍ଲଇଜ ୟୁନିୟନ, ହିନ୍ଦୁସ୍ଥାନ ଏରୋନଟିକ୍ସ ଏମ୍ପ୍ଲଇଜ ଆସୋସିଏଶନ ଓ ହିନ୍ଦୁସ୍ଥାନ ଏରୋନଟିକ୍ସ ମଜଦୁର ସଂଘ ସାମିଲ ହେବେ। ଏନେଇ ଏକ ବୈଠକ ଆୟୋଜିତ ହୋଇଥିଲା । ଦୁଇ ପ୍ରଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହାକୁ ସମର୍ଥନ ଜଣାଇଥିଲେ। ସଂଗଠନ ସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ଶ୍ରୀନିବାସ ମାନିକ, ସମ୍ପାଦକ ଅଞ୍ଜନ ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇ ନିଜର ନ୍ୟାଯ୍ୟ ଦାବି ହାସଲ କରିବା ନିମନ୍ତେ ସହଯୋଗ କାମନା କରିଥିଲେ। ଶେଷରେ ସଂଗଠନର ଉପସଭାପତି ଆଲୋକ ରାୟ ଧନ୍ୟବାଦ ଦେଇଥିଲେ ।

### ବିଜୟା ଦଶମୀ ଉତ୍ସବ ପାଳିତ

ସୁନାବେଡା, ୩୦।୯(ଡି.ଏନ.ଏ.): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁନାବେଡ଼ା ଶାଖା ପକ୍ଷରୁ ସୋମବାର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି । ଏନେଇ ସ୍ୱୟଂସେବକମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ପଦଯାତ୍ରାରେ ବାହାରି ଜଗନ୍ନାଥ ବିଦ୍ୟାପୀଠ ପଡ଼ିଆଠାରେ ପହଞ୍ଚିଲେ । ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟାରେ ସ୍ୱୟଂ ସେବକମାନେ ଯୋଗ ଦେଇଥିଲେ ।



# ଦୃଷ୍ଟି ଆଢୁଆଳରେ ଗାନ୍ଧୀ ଶିଶୁ ଉଦ୍ୟାନ

ଜୟପୁର,୩୦।୯(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସହରର ପାର୍କ ସାହିରେ ରହିଛି ଗାନ୍ଧୀ ଶିଶୁ ବିନୋଦନ ଉଦ୍ୟାନ । ଏହା ଏବେ ପୌରସଂସ୍ଥାର ଦୃଷ୍ଟି ଆଢୁଆଳରେ ରହିଛି । ଏହାର ଉନ୍ନତୀକରଣ, ସଫେଇ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାରେ ବିଭାଗ ଏକପ୍ରକାର ବିଫଳ ହୋଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ଏହାର ଉନ୍ନତୀକରଣ କରାଯାଇଥିଲେ ସୁଦ୍ଧା ଏହା ଶିଶୁମାନଙ୍କ ଖେଳାଖେଳି ଏବଂ ଚିତ୍ତ ବିନୋଦର କାର୍ଯ୍ୟରେ ଆସୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କାର ଶିଶୁଙ୍କ କ୍ରୀଡା ସାମଗ୍ରୀ ନଷ୍ଟ ହେଉଛି । ଏହିପରି ଆଲୋକ ଏବଂ ସଫେଇ କାର୍ଯ୍ୟପ୍ରତି ଦୃଷ୍ଟି ଦିଆଯାଉ ନାହିଁ । ଏହା ଅସାମାଜିକ ବ୍ୟକ୍ତି ଏବଂ କୁକୁରମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏହି ଉଦ୍ୟାନରେ ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ରହିଛି । ଅନ୍ୟ ସମୟରେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ । ଏମିତି କି ଜୟନ୍ତୀ ଏବଂ ତିରୋଧାନ ପୂର୍ବରୁ ଏହାର ସଫେଇ, ରଙ୍ଗ ଦେବା ପ୍ରତି ପୌରସଂସ୍ଥା ଦୃଷ୍ଟି ଦେଉନାହିଁ । ଉଦ୍ୟାନ ପାର୍ଶ୍ୱରେ ଗୋବର୍ଦ୍ଧନ ମୁଣ୍ଡା ପୋଖରୀ ରହିଛି । ଏହାର ମଧ୍ୟ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଅବ୍ୟବସ୍ଥାରେ ରହିଛି। ୨୦୦୦ରେ ଏହାର ଉନ୍ନତୀକରଣ କରାଯାଇ ଶିଶୁଙ୍କ ନିମନ୍ତେ କିଛି କ୍ରୀଡା ସାମଗ୍ରୀର ବ୍ୟବସ୍ଥା କରାଯାଇଥିଲା । ସେହିପରି ୨୦୧୬ରେ ପୌରସଂସ୍ଥା ପକ୍ଷରୁ ୧୦ ଲକ୍ଷ ଟଙ୍କାରେ ଉନ୍ନତୀମୂଳକ କାର୍ଯ୍ୟ କରାଯାଇଥିଲା । ଏ ନେଇ ପୌରସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପୀନାଥ ସାରକାଙ୍କୁ ପଚାରିବାରୁ, ଗାନ୍ଧିଜୀଙ୍କ ଜୟନ୍ତୀ ପୂର୍ବରୁ ସଫେଇ କାର୍ଯ୍ୟ କରାଯିବ । ସେହିପରି ଏହାର ଉନ୍ନତୀମୂଳକ କାର୍ଯ୍ୟନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



ଗାନ୍ଧୀ ଶିଶୁ ବିନୋଦନ ଉଦ୍ୟାନ ।

## ଇତିହାସ ବିଭାଗ ପକ୍ଷରୁ ପାଠଚକ୍ର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସୁନାବେଡା, ୩୦।୯(ଡି.ଏନ.ଏ.)

ସୁନାବେଡ଼ା ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷା ଉଷାରାଣୀ ଦାସ ସଭାପତିତ୍ୱ କରି ଭାରତ ପାକ୍ ସମ୍ପର୍କ ଓ ୩୭୦ ଧାରା ଉଚ୍ଛେଦ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଇତିହାସ ବିଭାଗ ଅଧ୍ୟାପିକା ଶୁଭଶ୍ରୀ ପରିଡ଼ା ଭାରତ ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଓ ସମ୍ପର୍କ ବିଷୟରେ କହିଥିଲେ । ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ରୁକ୍ସାନା ବେଗମ୍ ଭାରତ ପାକିସ୍ତାନ ପ୍ରଥମ ଯୁଦ୍ଧ ବିଷୟରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଯୁକ୍ତ ୩ କଳା ଛାତ୍ରୀ ଜୟନ୍ତୀ ସାଆନ୍ତା ୧୮୨୫ର ଭାରତ ପାକିସ୍ତାନ ଯୁଦ୍ଧ ବିଷୟରେ ଏକ ପ୍ରବନ୍ଧ ପାଠ କରିଥିଲେ । ସେହିପରି ଯୁକ୍ତ ୩ କଳାଛାତ୍ରୀ କ୍ଷୀପ୍ରରେଖା ମହନ୍ତ ୧୯୭୧ ଭାରତ ପାକ୍ ଯୁଦ୍ଧ ଏବଂ ବାଙ୍ଗଲାଦେଶର ବିଭାଜନ ନେଇ ପ୍ରବନ୍ଧ ପାଠ କରିଥିଲେ । ଯୁକ୍ତ ୩ କଳାଛାତ୍ରୀ ଗ୍ଲୋରୀ ସିଂ ୧୯୯୯ର କାରଗିଲ ଯୁଦ୍ଧ ବିଷୟରେ କହିଥିଲେ । ଉକ୍ତ ପାଠଚକ୍ରରେ ଡ଼ଃ ବାସୁଦେବ ସାହୁ, ଲକ୍ଷ୍ମୀପ୍ରିୟା ଚୌଧୁରୀ, ପ୍ରହ୍ଲାଦ ପ୍ରଧାନ ଯୋଗ ଦେଇ ଭାରତ ପାକ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଶ୍ରୀୟଙ୍କା ନାୟକ ଧନ୍ୟବାଦ ଦେଇଥିଲେ।

## ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ନେଇ ଶାନ୍ତି ଶୋଭାଯାତ୍ରା



ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀମାନେ ।

ଦାମନଯୋଡ଼ି,୩୦।୯(ଡି.ଏନ୍.ଏ.)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ନାଲ୍‌କୋ ଟାଉନ୍‌ସିପସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲର କୁନି ପିଲାଙ୍କ ଦ୍ୱାରା ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସେକ୍ଟର-୩ ମାର୍କେଟଠାରୁ ପିଲାମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧି ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ସ୍କୁଲ ପର୍ଯ୍ୟନ୍ତ ଯାଇଥିଲେ । ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗାନ୍ଧିଜୀଙ୍କ ଜୀବନୀ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏପରି କାର୍ଯ୍ୟକୁ ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସ ପ୍ରଶଂସା କରିଥିଲେ। ଉତ୍ସବରେ ନାଲ୍‌କୋ ଲେଡିଜ୍ କ୍ଲବର କର୍ମକର୍ତ୍ତା, କାମିନୀ ଯୋଶୀ, ଗୀତାଞ୍ଜଳି ପ୍ରଧାନ, ସୋନିଆ ପାଢ଼ୀ, ମମତା ତ୍ରିପାଠୀ, ସବିତା ମହାରଣା, ଅୟେସା ଫରିଦ୍, ନନ୍ଦିରା ଖାଁ ଓ ପୁଷ୍ପା ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ ।

## ୬୩ ଅଭିଯୋଗ ଶୁଣିଲେ ଜିଲାପାଳ

ବୋରିଗୁମ୍ମା,୩୦।୯(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ୬୩ଟି ଅଭିଯୋଗ ଶୁଣିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କା ଘର ଯୋଜନାରେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଚୟନ କରାଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ଉକ୍ତ ଯୋଜନାରୁ ବଞ୍ଚିତ ନେଇ ଅଭିଯୋଗ ହୋଇଥିଲା । ଜିଲାପାଳ ଉକ୍ତ ଅଭିଯୋଗକୁ ଗୁରୁତର ସହ ନେଇ ଏହାର ତଦନ୍ତ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ତେଲିଙ୍ଗିରି ଜଳ ସେଚନରୁ ଚାଷୀମାନେ ପାଣି ପାଉ ନାହାନ୍ତି। ବର୍ତ୍ତମାନ ପାଣି ଅଭାବରୁ ଚାଷ ନଷ୍ଟ ହେବାରେ ଲାଗିଛି ବୋଲି ବି.ସିଂହପୁର ଅଞ୍ଚଳର ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି । ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ଠିକ୍ ସମୟରେ ମିଳି ନ ଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଉନ୍ନତିମୂଳକ ଯୋଜନାରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହୋଇଥିଲା । ପରେ ଜିଲାପାଳ ଏବଂ ବ୍ଲକ ପ୍ରଶାସନ କ୍ଷେତ୍ର ପରିଦର୍ଶନ କରିଥିଲେ । ଅନ୍ୟପଟେ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଧାମୁ, ପି.ଡି. ଡ଼ିଆରଡ଼ିଏ ପବୀର କୁମାର ନାୟକ, ତହସିଲଦାର ଯୋଗେନ୍ଦ୍ର ମାଝି, ବିଡିଓ ପ୍ରଣୟ ରଞ୍ଜନ ବେହେରା, ଏସ୍‌ଡିପିଓ ହରେକୃଷ୍ଣ ମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦାମନଯୋଡ଼ି,୩୦।୯(ଡି.ଏନ୍.ଏ.)

କୋରାପୁଟ ବ୍ଲକ ଅଧୀନସ୍ଥ ମାଥାଲପୁଟସ୍ଥିତ ସରକାରୀ ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭୦ଜଣ ଛାତ୍ରୀଙ୍କୁ ଏହି ତାଲିମ ଦିଆଯାଇଥିଲା । ଆଜିର ସମାଜରେ ଛାତ୍ରୀମାନଙ୍କ ଉପରେ ଘଟୁଥିବା ପାଶବିକ ଅତ୍ୟାଚାର, ପୁରୁଷମାନଙ୍କ କୁଦୃଷ୍ଟି , ଖରାପ ମନୋଭାବ ଓ ବ୍ୟବହାରରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏଥିରେ ସ୍ଥାନୀୟ ମାଲୁସାଁନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠୀ ଏବଂ ଡୁମୁରିପଦର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୂପା ଜାନୀ, ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ ଏକ୍ସବୋର୍ଡ ଉପ୍ରା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ ।


ଛାତ୍ରୀମାନେ ଆତ୍ମ ସୁରକ୍ଷା ତାଲିମ ନେଉଛନ୍ତି ।

## ୪ କି.ମି. ଚାଲି ଚାଲି ଶିଶୁପୁତ୍ରକୁ ସ୍ୱାସ୍ଥ୍ୟକେନ୍ଦ୍ର ନେଲେ ପରିବାର ଲୋକେ


ପାହାଡିଆ ରାସ୍ତାରେ ଚାଲି ଚାଲି ଶିଶୁପୁତ୍ରକୁ ଡାକ୍ତରଖାନା ନିଆଯାଉଛି ।

ଜୟପୁର, ୩୦।୯ (ନି.ପ୍ର)

ଗ୍ରାମକୁ ରାସ୍ତା ନ ଥିବାରୁ ଜଣେ ୭ ଦିନର ଶିଶୁକୁ ପରିବାର ଲୋକେ ୪ କିମି ପାହାଡ଼ିଆ ରାସ୍ତାରେ ଚାଲି ଚାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛନ୍ତି । ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲିର ରାମଗଡ ଗ୍ରାମରେ । ଗ୍ରାମର ଦାଶ ଭାଟପାଇଙ୍କ ୭ ଦିନର ଶିଶୁପୁତ୍ର ପେଟରେ ଫୋଟକା ହୋଇଥିଲା । ଯନ୍ତ୍ରଣାରେ ଶିଶୁପୁତ୍ରଟିର କାନ୍ଦ ବନ୍ଦ ହୋଇ ନ ଥିଲା । ଗ୍ରାମକୁ ରାସ୍ତା ନ ଥିବାରୁ କୌଣସି ଗାଡ଼ି ଚଳାଚଳ କରେ ନାହିଁ । ତେଣୁ ପରିବାର ଲୋକେ କୌଣସି ଉପାୟ ନ ପାଇ ଗ୍ରାମବାସୀଙ୍କ ସହଯୋଗରେ ସୋମବାର ରାମିଗଡ ପାହାଡ ଉପରୁ ୪ କିମି ତଳକୁ ଆଣି ବାଲାପୁଟଠାରେ ପହଞ୍ଚିଥିଲେ। ସେଠାରୁ ଏକ ଅଟୋ ସାହାଯ୍ୟରେ କୁମୁଲିପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଗ୍ରାମରେ ୬୦ ପରିବାର ବସବାସ କରୁଛନ୍ତି । ହେଲେ ରାସ୍ତା ନ ଥିବାରୁ ଲୋକେ ରୋଗୀଙ୍କୁ ଭାର ସାହାଯ୍ୟରେ ନେଇଥାନ୍ତି । ଗ୍ରାମବାସୀ ପାହାଡ଼ିଆ ରାସ୍ତା ଦେଇ ଯାଆସ କରିଥାନ୍ତି । ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଆଇଇଏମ୍ କଲେଜର ରୌପ୍ୟ ଜୟନ୍ତୀ

ଜୟପୁର,୩୦।୯(ଡ଼ି.ଏନ.ଏ)

ସ୍ଥାନୀୟ ଆଇଇଏମ କଲେଜର ରୌପ୍ୟ ଜୟନ୍ତୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ସଭାପତି ଗୁପ୍ତପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୫ ବର୍ଷ ପୂର୍ବେ କଲେଜରେ ଅଧ୍ୟୟନ କରୁଥିବା ୧୨୩ ଜଣ ଛାତ୍ରୀଛାତ୍ର ଭାଗ ନେଇ ପୁରୁଣା ସ୍ମୃତି ବଖାଣିଥିଲେ । ଏହି ଅବସରରେ ଗତ ୨୯ ତାରିଖରେ ସ୍ଥାନୀୟ ଲେକ୍ ପ୍ଲେସିଡ୍ ସଭାଗୃହରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜ ପ୍ରିନ୍ସପାଲ ଟି.କେ ନାୟକ,ପୂର୍ବତନ ଅଧ୍ୟାପକ ମହାନା ସାରଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ଭାଗ ନେଇଥିଲେ । ଏହାକୁ ପୂର୍ବତନ ଛାତ୍ର ଅରୁଣ ଷଡ଼ଙ୍ଗୀ, ସୁଶାନ୍ତ ଦାସ ଓ ତୁଳସୀ ବେହେରା ପରିଚାଳନା କରିଥିଲେ ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୁରାତନ ଛାତ୍ରମାନେ ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ସୁନାବେଡ଼ାରେ ନୂଆଖାଇ ଭେଟ୍‌ଘାଟ୍

ସୁନାବେଡା, ୩୦।୯(ଡି.ଏନ.ଏ.)

ପଶ୍ଚିମ ଓଡିଶା ସାଂସ୍କୃତିକ ସଂସଦ ପକ୍ଷରୁ ରବିବାର ସନ୍ଧ୍ୟାରେ ହାଲସ୍ଥିତ ଭଞ୍ଜମଣ୍ଡପଠାରେ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜି.ଏମ. ସାହୁ ମୁଖ୍ୟଅତିଥି, ଆଶୁତୋଷ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଏକ ଭାଇଚାରା ସୃଷ୍ଟି ହେବା ସହ ସମାଜରେ ଚାଲିଥିବା ବିଭିନ୍ନ କୁସଂସ୍କାରକୁ ଦୂର କରିବା, ଶିକ୍ଷା, ନାରୀ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ 'ସୁନା ଝରନ' ନାମକ ଏକ ବାର୍ଷିକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପଡୋଶୀ ବଲାଙ୍ଗୀର, ବରଗଡ, ନୂଆପଡାରୁ କଳାକାରମାନେ ଆସି ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସଂସଦର ସଭାପତି ଦମୟନ୍ତ ମିରଧା, ସାଧାରଣ ସମ୍ପାଦକ ପ୍ରକାଶ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

## ଫାଇନାନ୍ସ କମ୍ପାନୀରୁ ଲୁଟ୍ ମାମଲା, ୫ ଗିରଫ

ଜୟପୁର,୩୦।୯ (ନି. ପ୍ର/ଡ଼ି.ଏନ.ଏ.)

ଜୟପୁର ସଦର ପୋଲିସ ଫାଇନାନ୍ସ କମ୍ପାନୀଠାରୁ ଲୁଟ୍ ମାମଲାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ କୁନ୍ଦାରିଗୁଡାର କିରଣ ମୁଦୁଲି (୨୧), ବିକ୍ରମ ବାଘ (୧୯), ରଞ୍ଜିତ ହରିଜନ (୨୦) ବାପୁଜି ନଗରର ବିଜୟ ନାୟକ (୧୮) ଓ ମନୋଜ ସାଗର (୨୦) । ସେମାନଙ୍କଠାରୁ ୮ ହଜାର ଟଙ୍କା, ୧ ମୋବାଇଲ, ଗୋଟିଏ ବ୍ୟାଗ, ବ୍ୟାଗ ଜବତ କରାଯାଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ଦେଓଗୁଡା ନିକଟରେ ଭରତ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କଠାରୁ ଗତ ଅଗଷ୍ଟ ୧୮ ତାରିଖରେ ଦୁର୍ବୃତ୍ତମାନେ ୧୭ ହଜାର ଟଙ୍କା ଲୁଟି ନେଇଥିଲେ । ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ ୬୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ଉକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ବାମୁଣି ଗ୍ରାମ ନିକଟରୁ ଗିରଫ କରିଥିଲା ।

■ ଥାନା ପୋଲିସ ସମିତି ବୈଠକ

# ପୋଲିସ ସହ ସୁସମ୍ପର୍କ ରଖିବା ନେଇ ପରାମର୍ଶ

ପଟ୍ଟାଙ୍ଗି,୩୦।୯(ଡି.ଏନ.ଏ)

ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଥାନା ପରିସରରେ ଥାନା ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଥାନା ଅଧିକାରୀ ବିଜୟ ରାଜ ମାଝି ଅଧ୍ୟକ୍ଷତା କରି ଥାନା ପୋଲିସ ସମିତି ବୈଠକରେ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଲୋକମାନେ କିପରି ପୋଲିସ ପ୍ରତି ଥିବା ଭୟ ଦୂର କରି ସହ ସୁସମ୍ପର୍କ ରଖିବେ ସେନେଇ ପରାମର୍ଶ ଦେଇଥିଲେ । ବୈଠକରେ ନୃସିଂହ ନାଥ ବେହେରା , ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଳରାମ ବାରିକ , ସୁମିତ ଚୌଧୁରୀ , ପଦ୍ମନାଭ ସାହୁ , ସୁଜିତ ଚୌଧୁରୀ , ରାମ ବାଙ୍କା , ପ୍ରତାପ ଚୌଧୁରୀ , ରଞ୍ଜିତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବ୍ଲକ ସଦର ମହକୁମା ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାନବାହନ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରିବା ନେଇ କହିଥିଲେ । ଏଥିସହ ଥାନା ସମ୍ମୁଖ ଦେଇ ଶିଶାଗୁଡା ଗ୍ରାମ ଅଭିମୁଖେ ଯାଇଥିବା ରାସ୍ତାରେ ଛାତ୍ରୀମାନଙ୍କୁ ଅସାମାଜିକ ପିଲାମାନେ କମେଣ୍ଟ ମାରିବା ଓ ଟ୍ରାଫିକ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ମତ ଦେଇଥିଲେ। ଗାଡ଼ି ଚାଳକମାନେ କିପରି ଲାଇସେନ୍ସ ପାଇ ପାରିବେ ଏବଂ ରାସ୍ତା ଉପରେ ଗାଇ ଗୋରୁଙ୍କୁ ନ ଛାଡିବା ଲାଗି ଥାନା ଅଧିକାରୀ ମାଝି ପରାମର୍ଶ ଦେଇଥିଲେ । ଲୋକମାନେ ଥାନାରେ କରୁଥିବା ଲିଖିତ ଅଭିଯୋଗ ବାହାରୁ ଲେଖି ଆଣୁଥିବା ସମୟରେ ଅନେକଙ୍କ ଶୋଷଣର ଶିକାର ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଉପସ୍ଥିତ ଗ୍ରାମବାସୀ ଦାବି କରିଥିଲେ। ଏହି ବୈଠକରେ ଏସଆଇ ଗୋଲକ କୁମାର ପଟ୍ଟନାୟକ , ଏଏସଆଇ ଅନିମେଷ ମାଳି , କନଷ୍ଟେବଳ ମୀନାକ୍ଷୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ପୋଲିସ ଅଧିକାରୀମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଅକ୍ଟୋବର ୧ /୨୦୧୯ Rayagada, Tuesday, October 1/ 2019

## ସଂକ୍ଷେପରେ

### ଏମଜିଏନଆରଇଜିଏସ କାର୍ଯ୍ୟଖସଡ଼ା ତାଲିମ




**ଉମରକୋଟ, ୩୦।୯ (ଡି.ଏନ.ଏ)-** ଏମଜିଏନଆରଇଜିଏସ ବ୍ଲକସ୍ତରୀୟ କର୍ମଶାଳା ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଯୁଧିଷ୍ଠିର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଜୟ କୁମାର ସାହୁ, ଏପିଓ ମସିଦାସ ଖୋସଲା, କନିଷ୍ଠ ଯନ୍ତ୍ରୀ ଇଂ ଦାଶରଥି ଖେମୁଣ୍ଡୁ ଯୋଗଦେଇ ଏମଜିଏନଆରଇଜିଏସ ଯୋଜନା ମାଧମରେ ହେବାକୁ ଥିବା ବାର୍ଷିକ ଆକ୍ସନ ପ୍ଲାନ ଓ ଲେବର ବଜେଟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି ସବୁ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରତି ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ପଲ୍ଲୀସଭା ଓ ଗ୍ରାମସଭାର ଆୟୋଜନ କରି ପ୍ରକଳ୍ପ ମନୋନୟନ କରିବାର ବ୍ୟବସ୍ଥା କରାଯାଇଥିଲା। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି କର୍ମଶାଳାରେ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଜିଆରଏସ, ଯନ୍ତ୍ରୀ, ସରପଞ୍ଚ ଯୋଗଦେଇ ତାଲିମ ନେଇଥିଲେ। ସ୍ୱତନ୍ତ୍ର ତାରିଖ ଘୋଷଣା କରି ପ୍ରତି ପଞ୍ଚାୟତ ସ୍ତରରେ ସମ୍ପୃକ୍ତ ଯୋଜନା ମାଧମରେ ଆର୍ଥିକବର୍ଷ ଅନୁଯାୟୀ କି କି ଉନ୍ନୟନ କାର୍ଯ୍ୟ କରାଯିବ ସେ ନେଇ ଶ୍ରମ ଅଟକଳ ଓ ବାର୍ଷିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୦-୨୧ ଆର୍ଥିକବର୍ଷ ନିମନ୍ତେ ଏହି ଯୋଜନା ବିଶେଷକରି ଜଳ, ଜମି, ଜଙ୍ଗଲ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ସେଗୁଡିକର ଉନ୍ନୟନ କରିବା ସହ ତା ଦ୍ୱାରା କିଭଳି ଲୋକ ଉପକୃତ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହା ପରେ ବ୍ୟକ୍ତିଗତ ହିତାଧିକାରୀ ଚୟନ କରି ସେମାନଙ୍କୁ ଏହି ଯୋଜନା ମାଧମରେ କିଭଳି ସାମିଲ କରାଯାଇପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା । ଏହି କର୍ମଶାଳାରେ ପ୍ରତି ପଞ୍ଚାୟତରେ ପଲ୍ଲିସଭାରେ ସଂପୃକ୍ତ ପଞ୍ଚାୟତର ଜଣେ ଅବସରପ୍ରାପ୍ତ ଶିକ୍ଷକ, ଜଣେ ଏସଏଚଜିସଭ୍ୟ, ଜିଆରଏସ, କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ସଭ୍ୟ ରହିବାର ନିୟମ ଥିବା ପ୍ରକାଶ କରିଥିଲେ।

### ■ ପଞ୍ଚାୟତ ସମିତି ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟସେବାକୁ ନେଇ ଉଦବେଗ


ବୈଠକରେ ଏମପି, ବିଧାୟକ ଓ ଅନ୍ୟମାନେ।

**ତେନ୍ତୁଳିଖୁଣ୍ଟି,୩୦।୯(ଡି.ଏନ.ଏ)–** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ଦେବକୀ ନାୟକଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିଲେ। ଗ୍ରାମ ପ୍ରଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃତୀବାସ ଭତ୍ରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପାଧକ୍ଷ ତନୟ ସାଗର ନାୟକ ଦାବି କରିଥିଲେ। ଏମପି ଓ ବିଧାୟକ ମଧ ବିରକ୍ତ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ନୋଟିସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମ ତେନ୍ତୁଳିଖୁଣ୍ଟି ବ୍ଲକରେ କାର୍ଯ୍ୟକାରୀ ହେଉନି ବୋଲି ଉଦବେଗ ପ୍ରକାଶ କରିଥିଲେ। ମଙ୍ଗରଦୋରା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବନାଞ୍ଚଳ ଗ୍ରାମ ତଥା କଳାହାଣ୍ଡି ବନାଞ୍ଚଳର ଜନସାଧାଣ ନିର୍ଭର କରୁଥିବା ବେଳେ ଡାକ୍ତର , କର୍ମଚାରୀ ଅନୁପସ୍ଥିତ ରହୁଥିବା ଯୋଗୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ତେନ୍ତୁଳିଖୁଣ୍ଟି ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ନିମ୍ନମାନର କାମ ଯୋଗୁ ଅଞ୍ଚଳଗୁମ୍ମା ଉପସ୍ୱାସ୍ଥ୍ୟ କେନ୍ଦ୍ର ଛାତରୁ ସାମାନ୍ୟ ବର୍ଷାରେ ପାଣି ଗଳୁଛି ବୋଲି ଅଞ୍ଚଳଗୁମ୍ମା ସରପଞ୍ଚ ସୂର୍ଯ୍ୟ ରନ୍ଧାରୀ ଅଭିଯୋଗ କରିଥିଲେ। ବହୁବାର ଅଭିଯୋଗ ସତ୍ତ୍ୱେ କାହିଁକି ପଦକ୍ଷେପ ନିଆ ଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିମ୍ନମାନର କାମ ହେଉଥିବା ଉପାଧକ୍ଷ ତନୟ ସାଗର ଅଭିଯୋଗ କରିଥିଲେ। ଛତୁଆରେ ମାନ ତଦାରଖ କରିବା ଏବଂ ମାସର ୨୩ ତାରିଖରେ ଛତୁଆ ପ୍ରସ୍ତୁତି ବେଳେ ଲୋକ ପ୍ରତିନିଧିଙ୍କୁ ସାମିଲ କରିବାକୁ ଉପାଧକ୍ଷ କହିଥିଲେ। ପରଜା ଦେଓପାଲି ଭଳି କେତେକ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ, ସଂସ୍କୃତ, ପିଇଟି ଶିକ୍ଷକ ନ ଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ବନବିଭାଗ ପଞ୍ଚାୟତରେ କରୁଥିବା କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତକୁ ଅବଗତ କରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ବିଡିଓ ଅକ୍ଷମିତା କାର୍ତ୍ତିକ, ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ।

### ଭଗବାନ ରଶ୍ମିରଞ୍ଜନଙ୍କ ଜୟନ୍ତୀ

**ନବରଙ୍ଗପୁର,୩୦।୯(ଡି.ଏନ୍.ଏ.)** ସ୍ଥାନୀୟ ତରାଗାଁ ବାଇପାସ୍ ରୋଡ୍‌ସ୍ଥିତ ରଶ୍ମିରଞ୍ଜନ ସିଦ୍ଧାଶ୍ରମର ଆରାଧ୍ୟ ଠାକୁର ଶ୍ରୀ ରଶ୍ମିରଞ୍ଜନ ଭଗବାନଙ୍କ ୪୨ ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଡ. ନୀଳକଣ୍ଠ ପାଢ଼ୀ ଅଧକ୍ଷତା କରିଥିଲେ। ଦଶମ୍ବୁ ପାତ୍ର ଓ ଲଛମନ ଭତ୍ରା ପରିଚାଳନା କରିଥିଲେ। ନଗର ସଂକୀର୍ତ୍ତନ ପରିକ୍ରମା ସମ୍ପନ୍ନ ହେବା ପରେ ରଶ୍ମିରଞ୍ଜନ ପଦ୍ଧତି, ଦେଶ ବନ୍ଦନା, ପ୍ରାଣାୟାମ, ଭଜନ, ରଞ୍ଜନଙ୍କ ଅନୁଭୂତି କଥନ, କୀର୍ତ୍ତନ ଓ ଆଳତୀ କରାଯାଇଥିଲା। ବିଭିନ୍ନ ବାଦ୍ୟ, ଶଙ୍ଖ, ଘଣ୍ଟା ହୁଳହୁଳି ସାଙ୍ଗକୁ ସାରସ୍ୱତ ବାଣୀ ଧ୍ୱନୀରେ ଗ୍ରାମ ପରିବେଶ ମୁଖରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ମାଝି, ବିଜୟା ସିଂ, କାଞ୍ଚନ ମାଝି, ଭୁବନେଶ୍ୱର ମାଝି, ଜଗନ୍ନାଥ ମାଝି, ଶିବ ଶଙ୍କର ପାତ୍ର, ଜ୍ୟୋତ୍ସ୍ନାରାଣୀ ମାଝି, ହରିକୃଷ୍ଣ ଗୌଡ଼, ସନ୍ତୋଷ କୁମାର ପୂଜାରୀ, ମକର ଗନ୍ତାୟତ, ଜଗନ୍ନାଥ ଭତ୍ରା, ବିଜୟ ଲକ୍ଷ୍ମୀ ମାଝି, ଆୟୁଷ୍ମାନ ପୂଜାରୀ, ପ୍ରଦୀପ କୁମାର ସାମନ୍ତ, ପ୍ରଭାକର ଭତ୍ରା, ଅଶୋକ ମଲ୍ଲିକ ପ୍ରମୁଖ ସହାୟତା କରିଥିଲେ।

## ପଲିଥିନମୁକ୍ତ ପାଇଁ ଶୋଭାଯାତ୍ରା


ବାହାରିଥିବା ସଚେତନତା ଶୋଭାଯାତ୍ରା ।

**ଚନ୍ଦାହାଣ୍ଡି, ୩୦।୯(ଡି.ଏନ.ଏ)–** ଗାନ୍ଧୀ ଜୟନ୍ତୀରୁ ନବରଙ୍ଗପୁର ଜିଲା ହେବ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ। ସେଥିପାଇଁ ଚନ୍ଦାହାଣ୍ଡି ବ୍ଲକରେ ଏକ ପଲିଥିନମୁକ୍ତ ସଚେତନତା ରାଲି ବାହାରିଥିଲା। ବ୍ଲକ କାର୍ଯ୍ୟାଳୟରୁ ମଶାଲ ପ୍ରଜ୍ୱଳନ କରାଯାଇ ଏହି ସଚେତନତା ରାଲି ବାହାରି ସହର ପରିକ୍ରମା କରାଯାଇଥିଲା । ଏହାପରେ ବ୍ଲକ ଅଧକ୍ଷ ଟିକମସିଂ ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ସମ୍ମାନୀତ ଅତିଥି ବିଡିଓ ଦେବେନ୍ଦ୍ରପ୍ରସାଦ ବଳ , ତହସିଲଦାର ହୃଦାନନ୍ଦସିଂ ମାଝୀ , ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ସୋରୀ ,ଶ୍ୟାମ ସୁନ୍ଦର ମାଝୀ,ସିଡିପିଓ ମୃନ୍ମୟୀ ଭୋଇ, ସୁପରଭାଇଜର ସୌଦାମିନୀ ସ୍ୱାଇଁ , ଫୁଲସରା ଭତ୍ରା ,ଦଲିଲା ଖୋସଲା , ନନ୍ଦିନୀ ଶତପଥି ,ଏବିଇଓ ଦୁତିବାହାନ ଖମାରୀ , ସତ୍ୟ ନାରାୟଣ ଦଣ୍ଡସେନା, ବ୍ଲକ ରିସୋର୍ସ କୋର୍ଡିନେଟର ନରେନ୍ଦ୍ର ମହାରଣାଙ୍କ ସମେତ ସମସ୍ତ ସରପଞ୍ଚ ,ସମିତିସଭ୍ୟ ସଭ୍ୟା , ଅଙ୍ଗନଓାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

### ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବିପତ୍ର


ଅତିରିକ୍ତ ଜିଲାପାଳଙ୍କୁ ମହିଳାମାନେ ଦାବିପତ୍ର ଦେଉଛନ୍ତି।

**ନବରଙ୍ଗପୁର,୩୦।୯(ବି.ପ୍ର.)** ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଗତ ୨୩ ତାରିଖରେ ଉଦ୍ଧାର କରାଯାଇଥିଲା। ଝିଅକୁ ଶ୍ୱଶୁର ଘର ଲୋକ ହତ୍ୟା କରି ପୋଖରୀରେ ଫୋପାଡି ଦେଇଥିବା ନେଇ ବାପଘର ଲୋକ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟମାନେ ଖୁଲମ ଖୁଲା ବୁଲୁଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପରିବାର ଲୋକ ଓ ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାରଙ୍କୁ ସୋମବାର ଏକ ଦାବିପତ୍ର ଦେଇଛନ୍ତି। ଏଥିସହ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ମଧଭେଟି ଦାବିପତ୍ର ଦେଇଛନ୍ତି। ସମସ୍ତ ଦୋଷୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉ, ଫାଷ୍ଟ ଟ୍ରାକ କୋର୍ଟରେ ଏହାର ବିଚାର କରାଯାଉ, ବରିଷ୍ଠ ପୋଲିସ ଅଧିକାରୀ ଏହାର ତଦନ୍ତ କରନ୍ତୁ, ରାଜ୍ୟ ସରକାରଙ୍କ ଗୃହ ବିଭାଗ ଓ ମାନବାଧିକାର କମିଶନର ହସ୍ତକ୍ଷେପ କରନ୍ତୁ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ୫ ଦଫା ଦାବି ସରକାର ମାନି ନ୍ୟାୟ ପ୍ରଦାନ ନ କରନ୍ତି ତେବେ ଥାନା ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମହିଳାମାନେ ଅନଶନରେ ବସିବେ ବୋଲି ଜଣାଇଛନ୍ତି। ରାଇଘର ବ୍ଲକ ପରଚିପାର ପଞ୍ଚାୟତର କିବେକଙ୍ଗା ଗାଁର ବୃନ୍ଦାବନ ବିଶ୍ୱାସଙ୍କ ଝିଅ ଟିନା ମିସ୍ତ୍ରୀ (୨୧) ୬ ମାସ ତଳେ ସେହିଗାଁର ପୁରୁଷୋତ୍ତମ ମିସ୍ତ୍ରୀଙ୍କ ପୁଅ ସୁମିତ ମିସ୍ତ୍ରୀଙ୍କୁ ପ୍ରେମ ବିବାହ କରିଥିଲେ । ୨୨ ତାରିଖ ରାତିରେ ଟିନା ନିଖୋଜ ହୋଇଥିବା ନେଇ ଶ୍ୱଶୁର ଘର ଲୋକ ଆସି ବୃନ୍ଦାବନଙ୍କୁ ଜଣାଇଥିଲେ । ୨୩ ତାରିଖରେ ଟିନାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ୨୪ ତାରିଖରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ଟିନାଙ୍କୁ ହତ୍ୟାକରି ପୋଖରିରେ ଫେପାଡି ଦିଆଯାଇଥିବା ନେଇ ପରିବାର ଲୋକେ ଥାନାରେ ଏକ ଏତଲା ଦେଇଥିଲେ । କୁନ୍ଦେଇ ଥାନାରେ ନଂ. ୫୯/୧୯ରେ ଏକ ମାମଲା ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ତେବେ ଏହି ଘଟଣାରେ ୯ ଜଣ ସମ୍ପୃକ୍ତ ଅଛନ୍ତି। ଏଥିରେ ମହିଳା ୩ ଜଣ ଅଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଉକ୍ତ ଦାବିପତ୍ରରେ ବୃନ୍ଦାବନ ବିଶ୍ୱାସ, ସରସ୍ୱତୀ ବିଶ୍ୱାସ, କାର୍ତ୍ତିକ ରାୟ, ଅସିମ ରୟ, ବାବୁଲ ସରକାର, ଉତ୍ତମ ଦେ,ବାବୁଲ ସରକାର, ଆନନ୍ଦ ବେହେରା, ବିଷ୍ଣୁ ପଣ୍ଡା ବେହେରା ପ୍ରମୁଖ ଦସ୍ତଖତ ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ମା’ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।




# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ


ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

**ଉମରକୋଟ,୩୦।୯(ଡି.ଏନ.ଏ)** ଉମରକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧମରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ ଅଧକ୍ଷ ଲାଇବାନ ଭକ୍ତ, ବିଡିଓ ଯୁଧିଷ୍ଠିର ନାୟକ, ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ୬ମାସ ମଧରେ ଏହି ଆବାସଗୁଡିକ ସମ୍ପୂର୍ଣ୍ଣ କରିବାକୁ ପଡିବ । ସମ୍ପୂର୍ଣ୍ଣ ନ କଲେ ଅନୁକମ୍ପା ରାଶି ବନ୍ଦ ହୋଇଯିବ। ଯଦି ଏହି ଘରକୁ ୪ମାସ ମଧରେ ସମ୍ପୂର୍ଣ୍ଣ କଲେ ଅଧିକ ବୋନସ ରାଶି ୨୦ ହଜାର ଟଙ୍କା ମିଳିବ। ମୋଟ ୧୯୯ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୧୨ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା , ୮୬ଜଣ ହିତାଧିକାରୀଙ୍କୁ ୬ମାସର ନୂତନ ଭତ୍ତା ପ୍ରଦାନ ସହ ୨ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଏଥିରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗର ପ୍ରୋଗାମ ଆସିଷ୍ଟାଣ୍ଟ ଅକ୍ଷୟ ସାହୁ, ସ୍ୱପ୍ନା ମଲିକ, ଇଂ ଅଜୟ କୁମାର ସାହୁ (ସହକାରୀ ନିର୍ବାହୀ ଯନ୍ତ୍ରୀ)ଙ୍କ ସହ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମିତିସଭ୍ୟ ଜିଲା ପରିଷଦ ସଦସ୍ୟା ଯୋଗଦେଇ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ।




# ଜିଲାସ୍ତରୀୟ ଖେଳ କୁଦ ପ୍ରତିଯୋଗିତା

**ପାପଡାହାଣ୍ଡି,୩୦।୯(ଡି.ଏନ.ଏ)–** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଲାଲ ବାହାଦୁର ହାଇସ୍କୁଲ ପଡିଆରେ ସୋମବାର ୮ମ ଜିଲା ବିଦ୍ୟାଳୟସ୍ତରୀୟ ଖେଳ ଓ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ଛାତ୍ରୀଛାତ୍ର ଦେଶରେ ଶକ୍ତି ବୋଲି କହିବା ସହ ଚତୁରତାର ସହ ଯେକୌଣସି କାର୍ଯ୍ୟ କଲେ ସଫଳ ମିଳିବ ବୋଲି କହିଥିଲେ । ଖେଳରେ ନିଜର ଦକ୍ଷତା ଦେଖାଇ ରାଜ୍ୟ ସ୍ତରରେ ନବରଙ୍ଗପୁର ମାଟିର ନା ଗୁଞ୍ଜରଣ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଜିଲା ଶିକ୍ଷାଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଶାରୀରିକ ଶିକ୍ଷା ନିରୀକ୍ଷକ ମନୋରଞ୍ଜନ ପ୍ରହରାଜ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ଦାସ, ଏବିଇଓ ବାଲକଦାସ ରନ୍ଧାରୀ, ଦଶରଥ ଗଣ୍ଡ, ପୂର୍ଣ୍ଣ ଚନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ୧୦ଟି ବ୍ଲକରୁ ଆସିଥିବା ୫୦୦ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ପରେଡ କରାଯାଇଥିଲା। ଅତିଥି ମାନେ ଖେଳର ବିଷୟ ବସ୍ତୁ ଓ ଉପଯୋଗୀତା ସମ୍ପର୍କରେ କହିଥିଲେ । ମଶାଲ ଯାତ୍ରା ପରେ ଖେଳ ପତାକାକୁ ମୁଖ୍ୟ ଅତିଥି ଉତ୍ତୋଳନ କରି ଖେଳର ଶୁଭାରମ୍ଭ କରିଥିଲେ। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଖେଳ ପ୍ରତିଯୋଗିତା ହେବ । ଛାତ୍ରୀଛାତ୍ର ମାନେ ଦୌଡ଼, ଉଚ୍ଚ ଡିଆଁ, ଲମ୍ଵ ଡିଆଁ, ଫୁଟ ବଲ, ହ୍ୟାଣ୍ଡ ବଲ, ଖୋ ଖୋ,ଯୋଗ ଆଦିରେ ଭାଗ ନେବେ । ଜିଲାର ବିଭିନ୍ନ ବ୍ଲକର ୬୦ ଜଣ ଖେଳ ଶିକ୍ଷକ ଆସିଛନ୍ତି । ଖେଳ ଶିକ୍ଷକ ପ୍ରଭାତ ପଟନାୟକ, କାଳୀ କିଙ୍କର ପଟନାୟକ, ପ୍ରକାଶ ଚନ୍ଦ୍ର ନନ୍ଦ, ଶେଖ ଯାଉଲ ହୁସେନ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।




| Models | Tigor | Nexon | Hexa | Tiago |
|---|---|---|---|---|
| ଏକ୍ସଚେଞ୍ଜ ବୋନସ | ₹25,000* | ₹25,000* | ₹35,000* | ₹15,000* |
| ସରକାରୀ / କର୍ପୋରେଟ ଅଫର | ₹10,000* | ₹5,000* | ₹15,000* | ₹5,000* |
| ସର୍ବାଧିକ ଲାଭ | ₹75,000* | ₹85,000* | ₹1,00,000* | ₹70,000* |

ସ୍ୱତନ୍ତ୍ର ଫାଇନାନ୍ସ ଅଫର
ଇଏମ୍‌ଆଇ ଆରମ୍ଭ ₹1499 / ଲକ୍ଷ*
To know more, visit http://drivethefuture.tatamotors.com | Toll free number: 18002098282 | /tatamotorsgroup /tatamotors
Up to 100% On-road Funding* & Tenure up to 84 months*.
Special offers for Government / Corporate Employees, Police Dept., LIC Employees & Agents, Bank Employees, Government Hospital-Doctors & Staff
Authorised Tata Motors Dealers:
SPECIAL OFFERS FOR CSD
EXCHANGE THROUGH TATA MOTORS ASSURED
BERHAMPUR - Trupti Enterprises: 8448512636
JEYPORE- Laxmi Sales & Service- 8448576946.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଅପହୃତା ନାବାଳିକା ଗଣ୍ଡାହାତୀ ଅଞ୍ଚଳରୁ ଉଦ୍ଧାର

**ଗୋଷାଣୀ/ପାରଳାଖେମୁଣ୍ଡି, ୩୦।୯ (ଡି.ଏନ୍.ଏ./ସ୍ୱ.ପ୍ର.)** - ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଐତିହାସିକ ଗଣ୍ଡାହାତୀ ଜଳପ୍ରପାତ ଅଞ୍ଚଳରୁ ଅପହୃତ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଏହାସହ ଅପହରଣକାରୀ ଯୁବକ ପାରଳାଖେମୁଣ୍ଡି ସହରର ଅଙ୍କସାହି ବାସିନ୍ଦା ବିଜୟ କୁମାର ମହାନ୍ତିଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ଜିଲାର ଗାରାବନ୍ଧ ଥାନା ଅନ୍ତର୍ଗତ ଲାବାଣ୍ୟଗଡ଼ ଗ୍ରାମର ଦୁଇ ଭଉଣୀ ମାମୁଙ୍କ ସହ ଗଣ୍ଡାହାତୀ ଜଳପ୍ରପାତ ଅଞ୍ଚଳ ବୁଲିବାକୁ ଯାଇଥିଲେ। ସେଠାରେ କେତେକ ଅସାମାଜିକ ଯୁବକ ବଡ଼ଭଉଣୀଙ୍କୁ ଅସଦାଚରଣ କରିଥିଲେ। ଏଥିରେ ଝିଅର ମାମୁ ଓ ସାନଭଉଣୀ ପ୍ରତିରୋଧ କରିବାରୁ ସେମାନଙ୍କୁ ଆକ୍ରମଣ କରି ଜଣେ ଯୁବକ ନାବାଳିକାଙ୍କୁ ଟାଣିନେଇ ଜବରଦସ୍ତ ବାଇକ୍‌ରେ ବସାଇ ଫେରାର୍ ହୋଇଥିଲା। ଘଟଣା ସମ୍ପର୍କରେ ନାବାଳିକାଙ୍କ ବାପା ଗାରାବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଅନୁସନ୍ଧାନ ଚଳାଇଥିବାବେଳେ ବିଳମ୍ବିତ ରାତିରେ ଜିଲାର ଭୂବନୀ ଗ୍ରାମ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

### ଅକ୍ଟୋବର୨ରୁ ପର୍ଯ୍ୟଟନ ପର୍ବ
### ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା

**ପାରଳାଖେମୁଣ୍ଡି,୩୦।୯ (ସ୍ୱ.ପ୍ର.)** -ଅକ୍ଟୋବର ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଯାଉଛି ପର୍ଯ୍ୟଟନ ପର୍ବ। ଏଥିପାଇଁ ସୋମବାର ସ୍ଥାନୀୟ ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡିଇଓ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶ କ୍ରମେ 'ଦେଶର ଅର୍ଥନୈତିକ ବିକାଶରେ ପର୍ଯ୍ୟଟନର ଭୂମିକା' ବିଷୟବସ୍ତୁକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ୱିକ କୁମାର ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗିତାର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଇଶାନ ଚନ୍ଦ୍ର ଓମ୍‌କାର ଓ ସୁଲତା ଶୁଭଦର୍ଶନୀ କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ର ସ୍ମିତିରଂଜନ ଅଧିକାରୀ ପ୍ରଥମ, ସୁସ୍ମିତା ପଣ୍ଡା ଦ୍ୱିତୀୟ ଏବଂ ପ୍ରୀକ୍ଷା ରଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରମୋଦ କୁମାର ପାଢ଼ୀ, ଲକ୍ଷ୍ମଣ ରାଉଳ, ଦୁର୍ଗାମାଧବ ପାଢ଼ୀ ପରିଚାଳନା କରିଥିଲେ।

## ଲଗାଣ ବର୍ଷାରେ ସୃଷ୍ଟି ହେଲା ଘାଇ
# ୫୦୦ଏକର ଧାନ ଜମି ଜଳମଗ୍ନ

**ଗୋଷାଣୀ,୩୦।୯ (ଡି.ଏନ୍.ଏ.)**

ଲଗାଣ ବର୍ଷାରେ ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ନନ୍ଦିଘାଇର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୧୦୦ମିଟରରୁ ଊର୍ଦ୍ଧ୍ୱ ବଡ଼ ଘାଇ ସୃଷ୍ଟି ହୋଇଛି। ଫଳରେ ୫୦୦ ଏକର ଧାନ ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଛି। ପ୍ରକାଶ ଯେ, ଘାଇ ଦ୍ୱାରା ଜଳ ନିଷ୍କାସିତ ହୋଇ ନାଳକୁ ଚାଲିଯାଉଥିବାବେଳେ ନଭେମ୍ବର ଏବଂ ଡିସେମ୍ବରରେ ଧାନ ଓ ରବି ଫସଲ ପାଇଁ ପାଣି ଆବଶ୍ୟକ ସମୟରେ ଅଭାବ ଯୋଗୁ ଅଧିକ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି। ତେଣୁ ଘାଇ ସୃଷ୍ଟି ହେବା ସମୟରେ ହିଁ ଚାଷୀମାନେ ମିଳିତଭାବେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏବଂ ଏସ୍‌ଡିଓଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ। ଯନ୍ତ୍ରୀ ନିଜେ ଘାଇ ସ୍ଥାନ ପରିଦର୍ଶନ କରି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ପ୍ରତିଶ୍ରୁତିରେ ରହିଯାଇଛି। ତେଣୁ ସୋମବାର ନିକଟସ୍ଥ ଜଙ୍ଗଲପାଡୁ, ଉତ୍ତରସେଲି, ଇଙ୍ଗିଲିସ ପେଣ୍ଠା ଗ୍ରାମର ଚାଷୀ ମିଳିତଭାବେ ପାରଳାଖେମୁଣ୍ଡିସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ସମସ୍ୟା ଜଣାଇବା ସହ ଏଥିପ୍ରତି ପ୍ରତ୍ୟକ୍ଷଭାବେ ଦୃଷ୍ଟି ଦେଇ ଘାଇର ମରାମତି କରି ସ୍ଥାୟୀ ସମାଧାନ ପାଇଁ ନିବେଦନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ବାରମ୍ବାର ନିମ୍ନମାନର କାମ ଯୋଗୁ ଚାଷୀକୂଳ ବହୁ କ୍ଷତି ସହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାବିପତ୍ରର ଏକ ନକଲ ଗଜପତି ଜିଲାପାଳ, ଦକ୍ଷିଣାଞ୍ଚଳ ଆର୍‌ଡିସି(ବ୍ରହ୍ମପୁର), ବ୍ରହ୍ମପୁର ଏମ୍‌ପି ଏବଂ ସ୍ଥାନୀୟ ବିଧାୟକଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନବେଳେ ଭଗବାନ ନାୟକ, ପବିତ୍ର ସାମଲ, ଆଦିକନ୍ଦ ସାମଲ, ଦିବାକର ଜେନା, ନିରଞ୍ଜନ ସାମଲ ଉପସ୍ଥିତ ଥିଲେ।




## ଦେବଗିରି କିଷାନ ଆଗ୍ରୋର ତୃତୀୟ ବାର୍ଷିକ ବୈଠକ



ବୈଠକରେ ମଞ୍ଚାସୀନ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି, ୩୦।୯(ସ୍ୱ.ପ୍ର.)**

ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ସୋମବାର ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀର ତୃତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା ଯୋଗଦେଇ କିଷାନ୍ ଆଗ୍ରୋ କମ୍ପାନୀର ଗୁଣବତ୍ତା ବିଷୟରେ କହିଥିଲେ । ସେହିପରି ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର କୁମାର ନାଏକ ଯୋଗଦେଇ ଏଭଳି କମ୍ପାନୀ ଦ୍ୱାରା ଯୁବକମାନେ କିପରି ସ୍ୱାବଲମ୍ବୀ ହୋଇପାରୁଛନ୍ତି ସେ ବିଷୟରେ ଧାରଣା ଦେଇଥିଲେ। ଅନ୍ୟ ପ୍ରମୁଖ କମ୍ପାନୀ ମାନଙ୍କରେ କାର୍ଯ୍ୟ କରି ଚାଷୀ ଓ ମା' ମାନେ ଯେପରି ଉନ୍ନତି କରୁଛନ୍ତି, କିଷାନ୍ ଆଗ୍ରୋ ଜରିଆରେ ଏହି ଅଞ୍ଚଳରେ ମଧ ଚାଷୀ ଓ ମା'ମାନେ ଆଗକୁ ବଢ଼ିପାରିବେ ବୋଲି ବୈଠକରେ କୁହାଯାଇଥିଲା । ନାରୀ ଯଦି ଆଗକୁ ବଢ଼ିଲେ କମ୍ପାନୀ ବଢ଼ିବ। ତେଣୁ ସମନ୍ୱୟ ରକ୍ଷା କରି ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ଆନ୍ଧ୍ର ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ଯୋଗଦେଇ ଏଠାକାର ତାଲିମ ପ୍ରତିଷ୍ଠାନରେ ମାଗଣାରେ ତାଲିମ ଦିଆଯାଉଥିବାବେଳେ ଏଠାରୁ ତାଲିମ ନେଇ ସ୍ୱାବଲମ୍ବୀ ହେବା ପାଇଁ ଅହ୍ୱାନ କରିଥିଲେ। ସେହିପରି ଓର୍‌ମାସ୍‌ର ଦେବେନ୍ଦ୍ରନାଥ କର ଯୋଗଦେଇ ଯେ କୌଣସି ବ୍ୟବସାୟୀକୁ ଆଗକୁ ବଢାଇବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ତେଣୁ କୌଣସି କୌଣସି ସାହୁକାରଙ୍କ ଠାରୁ ଋଣ ନ ନେଇ ନିଜର ଆକାଉଣ୍ଟ ମାଧ୍ୟମରେ ବ୍ୟାଙ୍କ ଜରିଆରେ ଋଣ ନେବାପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବ୍ରଜରାଜ ପାଣିଗ୍ରାହୀ, ଅଶୋକ ସାହୁ, ସୁବାସିନୀ ପାଇକ ପରିଚାଳନା କରିଥିଲେ।

## ଅଭିଯୋଗ ଶୁଣିଲେ ଜିଲାପାଳ

**ପାରଳାଖେମୁଣ୍ଡି,୩୦।୯(ସ୍ୱ.ପ୍ର.)**

ଗଜପତି ଜିଲା ମୋହନା ବ୍ଲକ୍ ମୁଖ୍ୟାଳୟ ଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଅଧକ୍ଷତା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷଭାବେ ଅଭିଯୋଗକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅଭିଯୋଗ ଶୁଣାଣୀରେ ମୋଟ ୬୦ଟି ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଠାରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୪ ଜଣଙ୍କୁ ସହାୟତା ରାଶି ଯୋଗାଇଦେବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୨ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଯୋଗାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଏସ୍‌ପି ସାରା ଶର୍ମା, ଜିଲା ସମନ୍ୱିତ ଆଦିବାସୀ ସଂସ୍ଥାର ପ୍ରକଳ୍ପ ପ୍ରଶାକ ଶେଷଦେବ ମିଶ୍ର, ମୋହନା ବିଡିଓ ବଂଶୀଧର ଖୋସ୍‌ଲାଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ହେତୁବାଦ– ସାମ୍ପ୍ରତିକ ସମୟର ଆହ୍ୱାନ'



ଛାତ୍ରୀଛାତ୍ରମାନେ ହେତୁବାଦୀ ଚିନ୍ତାଧାରାର ବାର୍ତ୍ତା ଦେଉଛନ୍ତି।

**କାଶୀନଗର,୩୦।୯(ଡି.ଏନ୍.ଏ.)–**

ଭାରତରେ ବୈଜ୍ଞାନିକମାନେ ଗ୍ରହଯାତ୍ରା ପାଇଁ ଉଦ୍ୟମ କରୁଥିବାବେଳେ ଅନ୍ୟପକ୍ଷରେ ଧର୍ମଗୁରୁମାନଙ୍କ ଠାରୁ ଆଶିର୍ବାଦ ଲୋଡ଼ନ୍ତି। ଏବେ ବି ଦେଶରେ ନାରୀଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ। ଶିଶୁବଳି, ଗୁଣିଗାରେଡି ସନ୍ଦେହରେ ହତ୍ୟାକାଣ୍ଡ ଘଟୁଛି। ତେଣୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଅନ୍ଧବିଶ୍ୱାସ ମଧ୍ୟରେ ଲାଗିରହିଥିବା ଦ୍ୱନ୍ଦର ପ୍ରଭାବରୁ ମୁକ୍ତି ପାଇବା ପାଇଁ ହେତୁବାଦୀ ଚିନ୍ତନ ହିଁ ଏକମାତ୍ର ବାଟ ବୋଲି ସ୍ଥାନୀୟ ବାରଣାସୀ ହାଇସ୍କୁଲଠାରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ତଥା ବିଶିଷ୍ଟ କବି ଓ ଲେଖକ ପ୍ରଶାନ୍ତ ମିଶ୍ର କହିଛନ୍ତି। ହେତୁବାଦୀ ଚିନ୍ତନ ଓ ବୈଜ୍ଞାନିକ ମନୋଭାବର ବିକାଶ ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନାବେଳେ ସେ ଏହି ମତ ରଖିଛନ୍ତି। ଆଲୋଚନା ପୂର୍ବରୁ 'ହେତୁବାଦ–ସାମ୍ପ୍ରତିକ ସମୟର ଆହ୍ୱାନ'ପ୍ରସଙ୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପ୍ରବନ୍ଧ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରବନ୍ଧ ଲିଖନ, ପଠନ ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ 'ମୁଁ ଜଣେ ହେତୁବାଦୀ' ବାର୍ତ୍ତା ସହ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଅଞ୍ଚଳ ପାଇଁ ନୂତନ ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି


ବୈଠକରେ ମଞ୍ଚାସୀନ ରଇତ ସଂଘର କାର୍ଯ୍ୟକାରୀ ସଭାପତି, ଆଇଆଇସି ଓ ଅନ୍ୟମାନେ।

**କାଶୀନଗର,୩୦।୯(ଡି.ଏନ୍.ଏ.)**

ଅକ୍ଟୋବର ୨ରେ ଦେଶ ପାଳିବାକୁ ଯାଉଛି ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ। ଏହା ପୂର୍ବରୁ ବର୍ଷସାରା ୧୫୦ ତମ ଜନ୍ମବାର୍ଷିକୀ ପାଳନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ସୋମବାର ସ୍ଥାନୀୟ ବଂଶଧାରା ପାଠାଗାର ପରିସରରେ ପ୍ରସ୍ତୁତି ବୈଠକ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆବାହକ ରଘୁରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କାଶୀନଗର ରଇତ ସଂଘର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ କୃଷକ ଏସ୍. ତାତେୟା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଖବରଦାତା ହୃଷିକେଶ ଗୌଡ଼, କବିପ୍ରଶାନ୍ତ ମିଶ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ଶିଶିର କୁମାର ଭଞ୍ଜସାମନ୍ତ, ବିଜୟ ପ୍ରଧାନ, ତପସ୍ୱିନୀ ପ୍ରମୁଖ ଅଂଶଗ୍ରହଣ କରି ଗାନ୍ଧୀ ବିଚାରଧାରା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାର କାର୍ଯ୍ୟକ୍ରମକୁ ଜଣେ କୃଷକ ହିଁ ଉଦ୍‌ଘାଟନ କରିବା ଉଚିତ୍ ବୋଲି ଏଠାରେ ମତପ୍ରକାଶ କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀ ରଥକୁ କିପରି ସ୍ୱାଗତ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ବହୁ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିବାବେଳେ ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

**ବାର୍ତ୍ତା**



ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ସାରା ଦେଶରେ 'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ' ଭାବରେ ପାଳନ କରାଯାଇଥାଏ ।

ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଏ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନମାନଙ୍କୁ ସାଧୁବାଦ ଜଣାଉଛି ।

ରକ୍ତଦାନ ମହାପୂଣ୍ୟ । ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରୁଛି । ରାଜ୍ୟରେ ରକ୍ତର ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଜନ ସଚେତନତା ଜରୁରୀ ।

ଆସନ୍ତୁ, ଆଜିର ଏହି ପୂଣ୍ୟ ଦିବସରେ ଆମେ ସଂକଳ୍ପ ନେବା – ସ୍ୱେଚ୍ଛାକୃତ ଭାବେ ନିୟମିତ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-95
10080/13/0004/1920

**ବାର୍ତ୍ତା**



ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେଉଥିବା ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ରାଜ୍ୟର ସମସ୍ତ ରକ୍ତଦାତା ଓ ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରାଉଥିବା ଅନୁଷ୍ଠାନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ।

ରକ୍ତଦାନ ଏକ ମହତ୍ ଓ ପୂଣ୍ୟ କାମ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ତିନି-ଚତୁର୍ଥାଂଶରୁ ଅଧିକ ରକ୍ତ ସ୍ୱେଚ୍ଛାସେବୀମାନଙ୍କଠାରୁ ସଂଗ୍ରହ କରାଯାଇଥାଏ । ୧୮ରୁ ୬୫ ବର୍ଷର ଯେକୌଣସି ସୁସ୍ଥବ୍ୟକ୍ତି ରକ୍ତଦାନ କରିପାରିବେ । ରକ୍ତଦାନ କଲେ ଶରୀର ସୁସ୍ଥ ରହିଥାଏ ଓ ଜରୁରୀ ଭାବେ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କର ମୂଲ୍ୟବାନ ଜୀବନ ରକ୍ଷା ହୋଇଥାଏ । ତେଣୁ ରାଜ୍ୟ ସରକାରଙ୍କ ତରଫରୁ ମୁଁ ସମସ୍ତ ଯୋଗ୍ୟ ରକ୍ତଦାତାଙ୍କୁ ଏଥିପାଇଁ ଆହ୍ୱାନ କରୁଛି ।

ଆସନ୍ତୁ, ଆଜି ଆମେ ଶପଥ ନେବା ଯେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଦରକାର କରୁଥିବା ବହୁମୂଲ୍ୟ ଜୀବନ ବଞ୍ଚାଇ ଏହି ମହତ୍ କାର୍ଯ୍ୟରେ ସାମିଲ ହେବା ।

(ନବ କିଶୋର ଦାସ)
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

DSPL-95
10080/13/0004/1920

## ସୁନେତ୍ର କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ

**ଗୁମ୍ମା,୩୦।୯ –**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଗୁମ୍ମା ସିଏଚ୍‌ସି ଅଧିକାରୀ, ଏଡିଏମ୍‌ଓ ଓ ଅନ୍ୟମାନେ।

ଗୁମ୍ମା ବିଇଓଙ୍କ ସମ୍ମିଳନୀକକ୍ଷରେ ରାଜ୍ୟ ସରକାରଙ୍କ ସୁନେତ୍ର(ୟୁଇଏଚ୍‌ପି) କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପିଲାଙ୍କ ଦୃଷ୍ଟିଦୋଷ କିପରି ଦୂର ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ବସନ୍ତ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ୍ ଅନ୍ତର୍ଗତ ୫ ପଞ୍ଚାୟତରୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଏଥିରେ ଏଡିଏମ୍‌ଓ ଡା. ପାତ୍ର, ଏବିଡିଓ, ବିଆର୍‌ସିସି, ବିପିଓ, ସିମାଞ୍ଚଳ ପ୍ରଧାନ, ଚକ୍ଷୁ ସହାୟକ ଜନ୍ମେଜୟ ସାହୁ ଉପସ୍ଥିତ ଥିଲେ।

## ନିର୍ମାଣ ଶ୍ରମିକ ୟୁନିଅନ୍ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ

**ପାରଳାଖେମୁଣ୍ଡି,୩୦।୯(ସ୍ୱ.ପ୍ର.)**


ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଗଜପତି ଜିଲା ନିର୍ମାଣ ଶ୍ରମିକ ୟୁନିଅନ୍ ସମନ୍ୱୟ ସମିତି ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ସୋମବାର ଏକ ବିରାଟ ଶୋଭାଯାତ୍ରା, ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ସିପିଆଇ (ଏମ୍‌ଏଲ୍) ଲିବରେସନ୍‌ର ଜିଲା ସମ୍ପାଦକ ବିଦ୍ୟାଧର ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରୁ ୬୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଶୋଭାଯାତ୍ରାରେ ବାହାରି ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରିବା ସହ ଆୟୋଜିତ ପଥପ୍ରାନ୍ତ ସଭାରେ ବିକ୍ଷୋଭ ପ୍ରଦର୍ଶନ ଏବଂ ଦାବି ଉପସ୍ଥାପନ କରିଥିଲେ। ଏଥିରେ ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରଡ଼ା ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ସହାୟତା ରାଶିରେ ଟାଳଟୁଳ ନୀତି,ନିର୍ମାଣ ଶ୍ରମିକଙ୍କ ପେନ୍‌ସନ୍ ଏବଂ ନବୀକରଣ ଆଦି ନିୟମକୁ କୋହଳ କରିବା, ପକ୍କାଘର ଯୋଜନାର ସରଳୀକରଣ ଆଦି ବିଷୟରେ ନିଜ ମତ ରଖିଥିବାବେଳେ ହିନ୍ଦ୍ ମଜଦୁର ସଭାର ସତ୍ୟନାରାୟଣ ତ୍ରିପାଠୀ ନିର୍ମାଣ ଶ୍ରମିକଙ୍କୁ ମିଳୁ ନ ଥିବା ସ୍ୱାସ୍ଥ୍ୟ ସହାୟତା କିପରି ସେମାନେ ପାଇପାରିବେ ଏବଂ ମୃତ୍ୟୁକାଳୀନ ସହାୟତା ଲୋକଙ୍କୁ ଶୀଘ୍ର ମିଳିବ ଏବଂ ଭୂମି ହୀନ ଶ୍ରମିକଙ୍କୁ ଚିହ୍ନଟକରି ପକ୍କା ଘର ଯୋଗାଇଦେବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏନ୍‌ଟିୟୁସିର ମାନସ ରଞ୍ଜନ ପଟ୍ଟନାୟକ, ବିଏମ୍‌ଏସ୍‌ର ଚପଳା ନାୟକ, ଏଆଇଟିୟୁସିର ଏନ୍. ରମେଶ ରେଡ୍ଡୀ, ଦୀପକ ପାତ୍ର, ଏଆଇସିସିଟିୟୁର ପ୍ରଶାନ୍ତ କୁମାର ରାଉତ, ଡି. ସୋମେଶ୍ୱର ରାଓ, ଜିତୁ ଲିମ୍ମା, ସୁନୀଲ ଲିମ୍ମାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଜିଲା ସହକାରୀ ଶ୍ରମ ଅଧିକାରୀଙ୍କ ସହ ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

DSPL-93
NATIONAL HEALTH MISSION
NPHCE

**ଆନ୍ତର୍ଜାତିକ ବୟସ୍କ ଦିବସ**
**୧ ଅକ୍ଟୋବର ୨୦୧୯**

ବୟସ୍କ (୬୦ ବର୍ଷ ବୟସରୁ ଅଧିକ)ମାନଙ୍କ କ୍ଷେତ୍ରରେ ବୟସାଧିକ୍ୟ ଜନିତ ସମସ୍ୟା ଯଥା :- ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମଧୁମେହ, ଶ୍ୱାସରୋଗ, ଦୃଷ୍ଟିହୀନତା, ଶ୍ରବଣ ସମସ୍ୟା, ମାନସିକ ଅସୁସ୍ଥତା ଓ କର୍କଟ ରୋଗ ଆଦି ଦେଖାଯାଇଥାଏ । ଏ ସବୁ ସମସ୍ୟାର ପ୍ରତିକାର ତଥା ଜନ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୧ ଅକ୍ଟୋବରକୁ ଆନ୍ତର୍ଜାତିକ ବୟସ୍କ ଦିବସ ଭାବରେ ପାଳନ କରାଯାଉଅଛି ।

10003/13/0046/1920

**ମନେ ରଖନ୍ତୁ :**

- ଉପଯୁକ୍ତ ସମ୍ମାନର ସହିତ ଜୀବନ ଧାରଣ ପ୍ରତ୍ୟେକ ବୟସ୍କଙ୍କ ମୌଳିକ ଅଧିକାର ।
- ସମାଜପ୍ରତି ବୟସ୍କ ମାନଙ୍କ ଅବଦାନ ଅତୁଳନୀୟ, ପରିବାର,ଗୋଷ୍ଠୀ ତଥା ସାମାଜିକ ସ୍ତରରେ ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଓ ଚଳଣି ପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରାଇ ବୟସାଧିକ୍ୟ ଜନିତ ଅନେକ ଜଟିଳ ସମସ୍ୟାକୁ ପ୍ରତିରୋଧ କରାଯାଇପାରିବ ।

ଆସନ୍ତୁ ବୟସ୍କମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଆମେ ବିଶେଷ ଯତ୍ନବାନ୍ ହୋଇ ସୁସ୍ଥ ସମାଜ ଗଠନରେ ସାମିଲ ହେବା

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ
-ଆଇନଷ୍ଟାଇନ



## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଗୁଡାରୀ, ୩୦।୯(ଡି.ଏନ୍.ଏ.): ଗୁଡାରୀ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ପ୍ରମୋଦ କୁମାର ବେହେରା ୧୩୫ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୧୪ଟି ବ୍ୟକ୍ତିଗତ ଓ ୨୧ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ତିନିଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭ହଜାର ଟଙ୍କା ଲେଖାଏଁ ଓ ୩ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୬ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି। କର୍ଲାଘାଟି ଗ୍ରାମର ୫୦ ଜଣଙ୍କୁ ଘରପଟ୍ଟା ଦିଆଯାଇଛି। ଏହି ଅବସରରେ ବ୍ଲକ ପରିବହନ ବିଭାଗ ପକ୍ଷରୁ ଲୋକମାନଙ୍କୁ ଲର୍ନିଂ ଲାଇସେନ୍ସ ଦିଆଯାଇଛି। ବିଡିଓ ନୃସିଂହ ଚରଣ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ, ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଗୁଡାରୀ ତହସିଲଦାର ଭାରତୀ ଦେବୀଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରବନ୍ଧ ପ୍ରତିଯୋଗିତା

ରାମନାଗୁଡା, ୩୦।୯(ଡି.ଏନ୍.ଏ.): ରାମନାଗୁଡା ବିଇଓ ଅଫିସରେ ଜିଲା ପର୍ଯ୍ୟଟନ ପର୍ବ ପାଇଁ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ହାଇସ୍କୁଲର ନବମ ଏବଂ ଦଶମ ଶ୍ରେଣୀର ୨୬ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଗୁମୁଡା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୌସୁମୀ ରଣା ପ୍ରଥମ, ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବି. ଉମା ମାହେଶ୍ୱରୀ ଦ୍ୱିତୀୟ ଏବଂ ଉକାମ୍ବା ଉଚ୍ଚ ବିଦ୍ୟାଳୟର ମନୋଜ ମିଶାଲ ତୃତୀୟ ହୋଇଛନ୍ତି। ରହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ରାମନାଗୁଡା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ ବିଶୋୟୀ, ସିଆରସିସି ଜଗମୋହନ ପଣ୍ଡା ଏବଂ କେ. ସିମଗିରି ବିଚାରକ ଦାୟିତ୍ୱ ତୁଲାଇଥିଲେ। ସିଆରସିସି ଗୌରୀଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିକ୍ଷକ-ଅଭିଭାବକ ବୈଠକ



ରାୟଗଡ଼ା ଅଫିସ, ୩୦।୯(ଡି.ଏନ୍.ଏ.): ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗରେ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ରାଜଲକ୍ଷ୍ମୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ସୁଚିସ୍ମିତା ନାୟକ, ସସ୍ମିତା ବେହେରା, ରବୀନ୍ଦ୍ର କୁମାର ନାଗବଂଶ ପ୍ରମୁଖ ମଞ୍ଚାସୀନ ଥିଲେ। ପିଲାମାନଙ୍କ ଭବିଷ୍ୟତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପିଲାଙ୍କ ପାଠପଢା ପ୍ରତି ଧ୍ୟାନ ଦେବାକୁ ଅତିଥିମାନେ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ପଦ୍ମପୁର, ୩୦।୯(ଡି.ଏନ୍.ଏ.): ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲରେ ବ୍ଲକସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୧୩ ପଞ୍ଚାୟତର ବିଭିନ୍ନ ସ୍କୁଲରୁ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ତାହା ପଡିଆରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ପଦ୍ମପୁର ବ୍ଲକଶିକ୍ଷାଧିକାରୀ ପ୍ରସନ୍ନ କୁମାର ନାୟକ ମୁଖ୍ୟଅତିଥି, ଏବିଇଓ ରାମଚନ୍ଦ୍ର ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପାଠ ସହ ଖେଳକୁ ମଧ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପ୍ରଧାନ ଶିକ୍ଷକ ସୁଶାନ୍ତ ପାଣିଗ୍ରାହୀ କହିଥିଲେ। ଶିକ୍ଷୟିତ୍ରୀ ସୁନୀତା ପାଢି ସଭାମଞ୍ଚ ପରିଚାଳନା କରିଥିଲେ।



# ମାଣ୍ଡିଆ ଫସଲରେ ପୋକ, ଚିନ୍ତାରେ ଚାଷୀ

- କୃଷି ବିଭାଗ ପକ୍ଷରୁ ମିଳୁନି କୀଟନାଶକ
- ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଣ୍ଟୁଛି ନିମ୍ବ ତେଲ
- କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କଲେ କୃଷି ଅଧିକାରୀ

ଚନ୍ଦ୍ରପୁର, ୩୦।୯(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଡେକାପଙ୍ଗା ଗ୍ରାମରେ ସାତ ଏକରୁ ଊର୍ଦ୍ଧ୍ୱ ଜମିରେ ହୋଇଥିବା ମାଣ୍ଡିଆ ଫସଲରେ ପୋକ ଲାଗିଛି। ଏ ନେଇ ଚାଷୀମାନେ ଏବେ ଚିନ୍ତାରେ। କୃଷି ବିଭାଗ ପକ୍ଷରୁ କୌଣସି କୀଟନାଶକ ଯୋଗାଇ ଦିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରବିବାର କୃଷି ବିଭାଗ ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଲୋକେ ଦାବି କରିଛନ୍ତି।

ଚାଷୀମାନେ ଧାରଉଧାର କରି ମାଣ୍ଡିଆ ଚାଷ କରିଛନ୍ତି। ମାଣ୍ଡିଆ କେଣ୍ଡା ଧରିବା ସମୟରେ ବିଭିନ୍ନ ପ୍ରକାରର ପୋକ ଲାଗୁଛନ୍ତି। ଫଳରେ ଫସଲ ନଷ୍ଟ ହେବାକୁ ବସିଲାଣି ବୋଲି ଅଗ୍ରଣୀ ଚାଷୀ ଦିଲୀପ ପରିଚ୍ଛା ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗକ୍ରମେ ମୁଁ ମାଣ୍ଡିଆ ଚାଷ କରିଥିଲି । ପୋକରୁ ଫସଲକୁ ବଞ୍ଚାଇବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନିମ୍ବ ତେଲ ଯୋଗାଇ ଦିଆଯାଇଛି। କିନ୍ତୁ କୌଣସି ଫଳ ହେଉନି ବୋଲି ସେ କହିଛନ୍ତି। ତେଣୁ ଖର୍ଚ୍ଚାନ୍ତ ହୋଇ ନିରାଶ ହେବାକୁ ପଡୁଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ କିସୁ ବ୍ରେଡେକା, ଦିଲୀପ ପରିଚ୍ଛା, ବିଜୟାନନ୍ଦ ଦାସ ପ୍ରମୁଖ କହିଛନ୍ତି। ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ କୃଷି ବିଭାଗ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନାହିଁ। ଔଷଧ ପ୍ରୟୋଗ ପାଇଁ କୀଟନାଶକ ମିଳୁନାହିଁ ବୋଲି ଅଗ୍ରଣୀ ଚାଷୀ ବିସୁ ବ୍ରେଡେକା, ବିଜୟାନନ୍ଦ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗକ୍ରମେ ରବିବାର ଚନ୍ଦ୍ରପୁର ବ୍ଲକ ସହକାରୀ କୃଷି ଅଧିକାରୀ ରାମଲାଲ ସାମାଓ, କୃଷି ଅଧିଦର୍ଶକ ରଜନୀ ମିଶ୍ର, ପ୍ରଭାତ ଏନ୍‌ଜିଓ ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ କୃଷି ବିଭାଗର ସରକାରୀ ବିହନ ବିକ୍ରୟ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ରଜନୀ ମିଶ୍ରଙ୍କୁ ପଚାରିବାରୁ ପୋକ ନିୟନ୍ତ୍ରଣ ପାଇଁ କୌଣସି କୀଟନାଶକ ଔଷଧ ବର୍ତ୍ତମାନ ସୁଦ୍ଧା ଆମକୁ ଦିଆଯାଇନାହିଁ ବୋଲି କହିଛନ୍ତି। ସରକାରଙ୍କ 'ସୁରଭି' ଯୋଜନାରେ ଔଷଧ ବିକ୍ରି କରାଯିବା ନେଇ ଆମେ ସୂଚନା ପାଇଛୁ। ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ସମ୍ପର୍କରେ ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ସୁରେଶ ମିଶ୍ରଙ୍କୁ ପଚାରିବାରୁ ଆମେ ଚାଷୀମାନଙ୍କୁ ନିମ୍ବ ତେଲ ପକାଇବାକୁ ପରାମର୍ଶ ଦେଉଛୁ। ତିନି ଚାରି ପ୍ରକାରର ପୋକ ଲାଗିଛନ୍ତି ବୋଲି ସେ କହିଛନ୍ତି।



ଚାଷୀଙ୍କ ସହ କୃଷି ଅଧିକାରୀ ଆଲୋଚନା କରୁଛନ୍ତି।



# ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ଆବଶ୍ୟକ

**ବିଶ୍ୱ ବଧିର ଦିବସ**

ରାୟଗଡ଼ା ଅଫିସ, ୩୦।୯

ରାୟଗଡ଼ା ବ୍ଲକ ସଦ୍‌ଭାବନା ଗୃହରେ ବ୍ଲକସ୍ତରୀୟ ବିଶ୍ୱ ବଧିର ଦିବସ ସୋମବାର ପାଳିତ ହୋଇଛି। ଏଥିରେ ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟର ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ସିବିଏନ୍ ମୂର୍ତ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ନୀଳାଚଳ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଚିହ୍ନଟ କରି ତାହାର ବିକାଶ କରିବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ରାୟଗଡ଼ା ବ୍ଲକର ଆକାଉଣ୍ଟସ୍ ଅଧିକାରୀ ମାନସ ରଞ୍ଜନ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଜିତ କୁମାର ହୋତା, ବଧିର ବିଦ୍ୟାଳୟ ବରିଷ୍ଠ କର୍ମକର୍ତ୍ତା ସୁଧୀର କୁମାର ସାହୁ, ରବୀନ୍ଦ୍ର ପାଢ଼ୀ, ବି. ମୁରଲୀଧର, ସର୍ବଶିକ୍ଷା ଅଭିଯାନର ବ୍ଲକ ସମ୍ବଳ ବ୍ୟକ୍ତି ସର୍ବେଶ୍ୱର ରାଉତ ଓ ଲକି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବଧିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଲେସୁ ହାଇସ୍କୁଲ ଛାତ୍ର ମଧୁସୂଧନ ତାଡ଼ିଙ୍ଗି ପ୍ରଥମ, କନ୍ଧ ଖିଲିମୁର ବସନ୍ତ ନିଆଳି ବଂଶ ଦ୍ୱିତୀୟ ଓ ପାଲେରିପାଡୁ ସ୍କୁଲର ରଜିତା କନଟାବଂଶ ତୃତୀୟ ହୋଇଥିଲେ। ଏହି ଅବସରରେ ସମସ୍ତଙ୍କୁ ଶ୍ରବଣ ଯନ୍ତ୍ର ବିତରଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧିକାରୀମାନେ।

# ପରିବେଶ ସଫା ରଖିବାକୁ ଶପଥ ନେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ର ଓ କଲେଜ କର୍ତ୍ତୃପକ୍ଷ ଶପଥ ନେଉଛନ୍ତି।

ମୁନିଗୁଡ଼ା, ୩୦।୯(ଡି.ଏନ୍.ଏ.)

ମୁନିଗୁଡା ମହାବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକ ଉପଲକ୍ଷେ ଅଧକ୍ଷ ଡ. ଦେବାନନ୍ଦ ମିଶ୍ର ଓ କ୍ରୀଡା ଅଧ୍ୟାପକ ଚତୁର୍ଭୁଜ ବନଛୋରଙ୍କ ମିଳିତ ସଂଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ, ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ର ଓ କଲେଜ ଅଧ୍ୟାପିକା, ଅଧ୍ୟାପକ, କର୍ତ୍ତୃପକ୍ଷ ଗାଁ, ପରିବେଶ ଓ ଆଖପାଖ ସ୍ଥାନକୁ ସଫାସୁତରା ରଖିବା ପାଇଁ ଶପଥ ନେଇଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଯୋଗାଭ୍ୟାସ ଓ ପ୍ରାଣାୟମ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅଲୁଲୋମ ବିଲୋମ, କପାଳଭାତି, ପଦ୍ମାଶନ, ସର୍ପାଶନ, ଧନୁରାଶନ ଭଳି ପ୍ରାଣାୟମ ଓ ଆସନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟାପକ ଡ. ରାମନାଥ ମହାପାତ୍ର, ରମାକାନ୍ତ ଛିଞ୍ଚୁଆଣି, ମନୋଜ ବେହେରା, ଅସିତ କୁମାର ମହାନ୍ତି, ଦେବବ୍ରତ ରାଜଗୁରୁ, ଅଧ୍ୟାପିକା କଲ୍ୟାଣୀ ପାଢ଼ୀ, ନିବେଦିତା ନାୟକ ଓ ରୋଜାଲିନ ମଲ୍ଲଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଯବାନଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା

ମୁନିଗୁଡା, ୩୦।୯(ଡି.ଏନ୍.ଏ.)

ମୁନିଗୁଡା ଥାନା ଝିଲିଗୁଡାସ୍ଥିତ ଅଷ୍ଟମ ବାଟାଲିୟନ ସିଆର୍‌ପିଏଫ୍ ଯବାନମାନଙ୍କ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟ ଅତିଥିଭାବେ ଡେପୁଟି କମାଣ୍ଡାଣ୍ଟ କଦମ ସିଂ, ଦଲବୀର ସିଂ, ଟୁ ଆଇସି ରାମ ଅବତାର ଭାଲଟିଆ, ମୁନିଗୁଡା ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯବାନ ଓ ସ୍ଥାନୀୟ ଲୋକେ ମୁନିଗୁଡା ରେଳଷ୍ଟେସନ, ନୂତନ ବସ୍‌ଷ୍ଟାଣ୍ଡ, ଥାନା, ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସହ ବିଭିନ୍ନ ସ୍ଥାନ ସଫା କରିଥିଲେ। ସଫେଇ ବାର୍ତ୍ତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରାରେ ଯବାନମାନେ ସହର ପରିକ୍ରମା କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ନେଇ ପ୍ରତିଯୋଗିତା

ଗୁଣପୁର,୩୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବଂଶଧାରା ଯୁକ୍ତ ଦୁଇ କଲେଜଠାରେ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପ୍ରମୁଖ ଶେଷସାଇ ସେନାପତି ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ବଂଶଧାରା କଲେଜ ଅଧ୍ୟକ୍ଷ ଲକ୍ଷ୍ମୀ ମହାଲ୍କୁଡ ମୁଖ୍ୟଅତିଥି, ଅଧ୍ୟାପକ ଡ.ପ୍ରଶାନ୍ତ ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଭିପି ସଭାପତି ପ୍ରଣବ କଳ୍ପ ପଟ୍ଟନାୟକ, ଉପସଭାପତି ସସ୍ମିତା ବାଉରି ପ୍ରମୁଖ ମଞ୍ଚାସୀନ ଥିଲେ । ବରିଷ୍ଠ ଏବଂ କନିଷ୍ଠ ବର୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ପ୍ରତିଯାଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏବିଭିପିର ବିଭାଗ ସଂଗଠନ ମନ୍ତ୍ରୀ ଦେବାଶିଷ ଦାସ, ବିଭୂତ ସେନାମହାନ୍ତି , ଅଭିଷେକ ଚିନା, ରାଜେଶ ପୃଷ୍ଟି, ପ୍ରଫୁଲ ଶତପଥୀ, ଦିନେଶ ଅଧିକାରୀଙ୍କ ସମେତ ଏବିଭିବିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଏବଂ କଲେଜରୁ ପିଲାମାନେ ଯୋଗ ଦେଇଥିଲେ ।

# ଧରିତି ପେନୁ ଫାର୍‌ମର୍ସ ପ୍ରଡ୍ୟୁସର କମ୍ପାନୀ ବାର୍ଷିକ ବୈଠକ

ରାୟଗଡ଼ା ଅଫିସ,୩୦।୯

ଧରିତି ପେନୁ ଫାର୍‌ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ତୃତୀୟ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଛି। ଓରମାସ୍ ଉପନିର୍ଦ୍ଦେଶକ

ମନୋଜ କୁମାର ପାତ୍ର, ଜିଲା ପ୍ରକଳ୍ପ ପରିଚାଳକ ହେମନ୍ତ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ସଙ୍ଗଠନର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ୟବସାୟର ସଫଳତା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିସହ ବକେୟା ଋଣ ଆଦାୟ ନେଇ ଆଲୋଚନା ହୋଇଥିଲା। ଏଲ୍‌ପିଡ଼ି ଲାଇଭଲିହୁଡ଼ର ଅଜାତଶତ୍ରୁ, ଧରିତି ପେନୁ ଫାର୍‌ମର୍ସ ପ୍ରଡ୍ୟୁସର କମ୍ପାନୀ ଚେୟାରମ୍ୟାନ ଅନିତା ସିଂ, ଜିଲା ସମ୍ପାଦିକା ଜୟା କୁମାରୀ ସାରକା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବାର୍ଷିକ ବିବରଣୀ ସମ୍ବନ୍ଧୀୟ ପତ୍ର ଉନ୍ମୋଚନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ

- ଭାଗନେଲେ ୪୦ ସ୍କୁଲର ୨୦୦ ଛାତ୍ରୀଛାତ୍ର



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ।

ରାୟଗଡ଼ା ଅଫିସ,୩୦।୯

ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ପୌରହିତ୍ୟରେ ସ୍ଥାନୀୟ ଜିସିଡି ବିଦ୍ୟାଳୟ ଖେଳ ପଡ଼ିଆରେ ସୋମବାର ମଣ୍ଡଳସ୍ତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଜିଲା କ୍ରୀଡ଼ାଧିକାରୀ ଶେଖ୍ ଆଲିନୁର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଦୌଡ଼ କୁଦ, ଲଙ୍ଗ୍ ଜମ୍ପ ଓ ହାଇଜମ୍ପ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ବ୍ଲକର ପ୍ରାୟ ୪୦ ସ୍କୁଲର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲା ଆଥଲେଟିକ କ୍ରୀଡ଼ା ସଂଘ ସମ୍ପାଦକ ମନୋଜ କୁମାର ଗନ୍ତାୟତ,ଜିସିଡ଼ି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପିଇଟି ଶିକ୍ଷକ ସୁନିଲ କୁମାର ମହନ୍ତ, ପ୍ରମୋଦ କୁମାର ପ୍ରଧାନ, ସୁଧୀର କୁମାର ସ୍ୱାଇଁ , ଗୌରୀ ପ୍ରସାଦ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସ୍କୁଲର ସମସ୍ତ କର୍ମଚାରୀ ଓ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଅନ୍ୟ କେଲ ହେବା ପୁରସ୍କାର ବିତରଣ କରାଯିବ ବୋଲି ସୂଚନା ମିଳିଛି।

- କାଶୀପୁରରେ ଛିନ୍ନମସ୍ତା ଭାବେ ପୂଜା ପାଆନ୍ତି ମା' ମାଣିକେଶ୍ୱରୀ

# ନବରାତ୍ରରେ ପୂଜା ହୁଏ ମା'ଙ୍କ ସମ୍ପୂର୍ଣ୍ଣ ଶରୀର

ଟିକିରି, ୩୦।୯(ଡି.ଏନ୍.ଏ.)

ଚାଲିଛି ପାର୍ବଣ ଋତୁ। ସବୁଠି ମା'ଙ୍କୁ ଆବାହନ କରାଯାଇଛି। କାଶୀପୁରଠାରେ ରାଜ ରାଜୁଡା ଅମଳରୁ ମା'ଙ୍କ ଶକ୍ତି ସ୍ୱରୂପ ପୂଜା ହେଉଛି। ଏଠାରେ ଛିନ୍ନମସ୍ତାଭାବେ ମା' ମାଣିକେଶ୍ୱରୀ ପୂଜା ପାଆନ୍ତି। କିନ୍ତୁ ନବରାତ୍ର ସମୟରେ ଏଠାରେ ମା'ଙ୍କ ସମ୍ପୂର୍ଣ୍ଣ ଶରୀର ପୂଜା ହୋଇଥାଏ। ଏହାକୁ ଦେଖିବା ସହ ମା'ଙ୍କ ଆଶୀର୍ବାଦ ନେବାକୁ ସ୍ଥାନୀୟ ଅଞ୍ଚଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ।

ଆଶ୍ୱିନ ପ୍ରତିପଦାଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ମା' ସମ୍ପୂର୍ଣ୍ଣ ଶରୀରକୁ ପୂଜା କରାଯାଏ। ପ୍ରଥମ ଦିନ ମା'ଙ୍କ ମସ୍ତକ ଲଗାଯାଇଥାଏ। ଏହି ତିଥିରେ ସହସ୍ର କୁମ୍ଭାଭିଷେକ କରାଯାଇଥାଏ। ରାଜା ଦ୍ୱିବ୍ୟେନ୍ଦୁ କୁମାର ଦେବ ଓ ରାଣୀ ହେମପ୍ରିୟା ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ନିଷ୍ଠାର ସହ ସଂକଳ୍ପ କରି ପୂଜା କାର୍ଯ୍ୟ ଆରମ୍ଭ କରନ୍ତି । ବର୍ଷସାରା ଦେବୀଙ୍କ ନିକଟରେ ଅନ୍ନଭୋଗ ଲାଗି କରାଯାଇଥିବା ବେଳେ ନବରାତ୍ରିରୁ ଏଠାରେ ଆମିଷ ଭୋଗ ଲାଗି କରାଯାଏ। ପାଟଖଣ୍ଡା, ଦଲେନ ଖଣ୍ଡା, ମାର୍କମା ଖଣ୍ଡା ସମେତ ୬ଟି ଖଣ୍ଡା ମା'ଙ୍କର ରହିଛି। ପ୍ରତିପଦାକୁ ଖଣ୍ଡାଧୁଆଭାବେ ପାଳନ କରାଯାଏ। ଖଣ୍ଡାଗୁଡିକୁ ବୈଦ୍ୟନାଥ ସାଗରକୁ ନେଇ ଶାଣ ଦିଆଯାଇ ନବକଳେବର କରାଯାଏ। ମଧ୍ୟାହ୍ନରେ ମନ୍ଦିର ପରିସରରେ ରାଜା ଦ୍ୱିବେନ୍ଦୁ ଖଣ୍ଡାର ମଧଭାଗ ପର୍ଯ୍ୟନ୍ତ ଚାଉଳରେ ପୋତି ଥାନ୍ତି। ସେହିପରି ମନ୍ଦିର ସିନ୍ଧୁକରେ ଥିବା ବିଜୟ ପ୍ରତିମାକୁ ମହାସ୍ନାନ କରାଇ ଗର୍ଭଗୃହରେ ସ୍ଥାପନ କରାଯାଏ। ଏହାକୁ ଦେବୀଙ୍କ ହୃତ୍‌ପିଣ୍ଡ ବୋଲି ବିଶ୍ୱାସ ରହିଛି। ରାଜନଗରରେ ପ୍ରସ୍ତୁତ ମା'ଙ୍କ ମସ୍ତକକୁ ସ୍ୱତନ୍ତ୍ର ରାସ୍ତାଦେଇ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇ ଥାଆଏ। ଏହାପୂର୍ବରୁ ମା'ଙ୍କୁ ଷୋଡଶ ଉପଚାର ବିଧିରେ ପୂଜା କରାଯାଏ। ମହାଷ୍ଟମୀ ଦିନ ଶ୍ରଦ୍ଧାଳୁମାନେ ମାନସିକ ବଳି ଦେବୀଙ୍କ ନିକଟରେ ଅର୍ପଣ କରନ୍ତି । ଅଷ୍ଟମୀ ମଧରାତ୍ରିରେ ଶେଷବଳି ରାଜାଙ୍କ ପକ୍ଷରୁ ମହାପଶୁ ପର୍ବ ମନ୍ଦିର ପରିସରରେ ପାଳନ କରାଯାଏ। ପଞ୍ଚମୀ ତିଥିରୁ ଏକ ମେଣ୍ଢାକୁ ଜେନା ନାମରେ ନାମିତ କରି ଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥାଏ। ଏଥିପାଇଁ ଚାଉଳ ମଧ୍ୟରୁ ଖଣ୍ଡା ବାହାର କରାଯାଏ। ଯେଉଁ ଖଣ୍ଡାଟି ଚାଉଳ ମୁଠିରୁ ବାହାରିଥାଏ, ସେହି ଖଣ୍ଡାରେ ବଳି ଦିଆଯାଇ ଥାଏ। ପରମ୍ପରା ଅନୁଯାୟୀ ନବମୀ ଓ ଦଶମୀ ତିଥିରେ ମନ୍ଦିର ଓ ରାଜା ବୁଢ଼ୁରାଜା ପୀଠରେ ଲାଖବିନ୍ଧା ପର୍ବ ଅନୁଷ୍ଠିତ ହୋଇଥାଏ। ବୁଢାରାଜା ମନ୍ଦିରରେ ଅପରାଜିତା ପୂଜା ବିଧି ସମ୍ପନ୍ନ କରି ନିକଟରେ ଥିବା ଗଛରେ ଦୁଇଟି କାକୁଡ଼ି ବନ୍ଧାଯାଇଥାଏ । ଏହି ଦୁଇଟି କାକୁଡିକୁ ପ୍ରଥମେ ମନ୍ଦିରରେ ପୂଜା ପାଉଥିବା ବନ୍ଧୁକରୁ ରାଜ ପରିବାରର ନିଳମ୍ବର ସିଂ ଗୁଳି ଫୁଟାଇଥାନ୍ତି। ପରେ ସାଧାରଣ ଲୋକଙ୍କୁ ଅନୁମତି ଦିଆଯାଇଥାଏ। ଦଶମୀ ପୂଜାବିଧି ସମ୍ପନ୍ନ ପରେ ନିଶାରାତିରେ ମା'ଙ୍କ ଅସ୍ଥାୟୀ ରୂପେ ତିଆରି କରାଯାଇଥିବା ମସ୍ତକକୁ ନିକଟସ୍ଥ ଦୁର୍ଗା ବନ୍ଧରେ ବିସର୍ଜନ କରାଯାଇଥାଏ। ପରେ ରାଜା ମନ୍ଦିର ପରିସରରେ ନିଜ ସିଂହାସନ ଆରୋହଣ କରି ଦରବାର ଚଳାଇଥାନ୍ତି। ଏହି ନିଆରା ବିଧିବିଧାନକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ବନ୍ଧୁ ପରିଜନ ଏବଂ ଭକ୍ତଙ୍କ ସୁଅ ଛୁଟିଥାଏ।



ମା'ଙ୍କ ଖଣ୍ଡାଗୁଡିକୁ ପୂଜା ପାଇଁ ନିଆଯାଉଛି।